

ଧଉଳି ଏକ୍ସପ୍ରେସ୍‌ର
ଆଇନ ପରାମର୍ଶ ଦାତା
ଶ୍ରୀଯୁକ୍ତ ବିଷ୍ଣୁ ଚରଣ ମଲ୍ଲିକ
(ଆଡ଼ଭୋକେଟ)
ଅବସରପ୍ରାପ୍ତ
ଅନୁଶାସନ, ସଚିବ


ଧଉଳି ଏକ୍ସପ୍ରେସ
The Dhauli Express
THE DHAULI EXPRESS

RNI No. : ODIODI/2019/77646

INDEPENDENT ODIA FORRTNIGHTLY NEWSPAPER

# ଧଉଳି ଏକ୍ସପ୍ରେସ
THE DHAULI EXPRESS





ବର୍ଷ-୦୮ ସଂଖ୍ୟା-୧୬ ଭୁବନେଶ୍ୱର ୧୬ ଅଗଷ୍ଟ ରୁ ୩୧ ଅଗଷ୍ଟ ୨୦୨୬ ପୃଷ୍ଠା-୮ ମୂଲ୍ୟ-୫ ଟଙ୍କା
Vol.-08 Issue-16 Bhubaneswar 16 August to 31 August 2026 Page-8 Rs. 5.00


# ଲାଲକିଲ୍ଲାରେ ପତାକା ଉତ୍ତୋଳନ କଲେ ପ୍ରଧାନମନ୍ତ୍ରୀ

## ପ୍ରଥମ ଥର ସ୍ୱାଧୀନତା ଦିବସରେ 'ବନ୍ଦେ ମାତରମ୍' ଗାନ



ନୂଆଦିଲ୍ଲୀ : ଆକାଶରେ ଉଡୁଥାଉ ତ୍ରିରଙ୍ଗା । ଦେହରେ ବହୁଥାଉ ଦେଶପ୍ରେମ । ଏ ମାଟି ଆମ ପାଇଁ ମା' । ଜଗତରେ ରହୁ ତାର ନାଁ । ଆଜି ୮୦ତମ ସ୍ୱାଧୀନତା ଦିବସ ପାଳନ କରୁଛି ଭାରତ । ସବୁଠି ଆନନ୍ଦ, ଉତ୍ସାହ-ଉଲ୍ଲାସ । ସବୁଠି ଫର ଫର ହୋଇ ଉଡୁଛି ଜାତୀୟ ପତାକା । ଲାଲକିଲ୍ଲାରୁ ପତାକା ଉତ୍ତୋଳନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଥମ ଥର ସ୍ୱାଧୀନତା ଦିବସ ସମାରୋହରେ ବନ୍ଦେ ମାତରମ୍ ଗାନ ହୋଇଛି । ଲ୍ଲାଲକିଲ୍ଲାରୁ ଶୁଭିଲା ବନ୍ଦେ ମାତରମ୍ ।

ଲାଲକିଲ୍ଲାରେ ପହଞ୍ଚିବା ପୂର୍ବରୁ ପ୍ରଥମେ ପ୍ରଧାନମନ୍ତ୍ରୀ ମୋଦି ରାଜଘାଟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେନା ପକ୍ଷରୁ ତାଙ୍କୁ ଭବ୍ୟ 'ଗାର୍ଡ ଅଫ୍ ଅନର' ପ୍ରଦାନ କରାଯାଇଛି । ଏହାର କିଛି ସମୟ ପରେ ଲାଲକିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । ତ୍ରିରଙ୍ଗା ଉତ୍ତୋଳନ କରିବା ପରେ ୨୧ ତୋପ ସଲାମୀ ଦିଆଯାଇଛି । ବାୟୁସେନା ପକ୍ଷରୁ ଆକାଶ ମାର୍ଗରୁ ୨ଟି ହେଲିକପ୍ଟର ସାହାଯ୍ୟରେ ପୁଷ୍ପ ବର୍ଷା ହୋଇଛି ।

ବାୟୁସେନାର ଦୁଇଟି ଗସ-୧୭ ହେଲିକପ୍ଟର ଲାଲକିଲ୍ଲା ଉପରୁ ଫୁଲ ବର୍ଷା କରିଛନ୍ତି । ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲକିଲ୍ଲାରୁ ଦେଶକୁ ସମ୍ବୋଧିତ କରିଛନ୍ତି । ପ୍ରଥମ ଥର ପାଇଁ ଲାଲକିଲ୍ଲାରେ ସ୍ୱାଧୀନତା ଦିବସ ସମାରୋହରେ ବନ୍ଦେ ମାତରମ୍ ଗାନ କରାଯାଇଛି । ସ୍ୱାଧୀନତା ଦିବସ ଅବସରରେ ଦିଲ୍ଲୀରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ହଜାର ହଜାର ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଲାଲକିଲ୍ଲା ଏବଂ ଏହାର ଆଖପାଖରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ଭିତରେ ଏବଂ ବାହାରେ ହଜାରେରୁ ଅଧିକ ସିସିଟିଭି କ୍ୟାମେରା ଲଗାଯାଇଛି । ଏହି କ୍ୟାମେରାଗୁଡ଼ିକୁ ତଦାରଖ କରିବା ପାଇଁ ଇଓ-ଭିତ୍ତିକ ବ୍ୟବସ୍ଥା ବ୍ୟବହାର କରାଯାଇଛି । ସନ୍ଦେହଜନକ କାର୍ଯ୍ୟକଳାପ, ଭିଡ଼ ସମ୍ବନ୍ଧୀୟ ସମସ୍ୟା ଏବଂ ସମ୍ଭାବ୍ୟ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଶୀଘ୍ର ଚିହ୍ନଟ କରିବାକୁ ଏହି ଏଆଇ ବ୍ୟବସ୍ଥା ବ୍ୟବହାର କରାଯାଇଛି । ଲାଲକିଲ୍ଲାରେ ସ୍ୱାଧୀନତା ଦିବସ ସମାଲୋହରେ ୫ ହାଜର ଅତିଥି ସାମିଲ ହୋଇଛନ୍ତି

ଲୋକଙ୍କ ଯାତାୟତ ଏବଂ ଗତିବିଧି ଉପରେ ମଧ୍ୟ ନଜର ରଖାଯାଇଛି । ପ୍ରବେଶ ସ୍ଥାନରେ ବହୁସ୍ତରୀୟ ସ୍କ୍ରିନିଂ କାର୍ଯ୍ୟକାରୀ କରାଯାଇଛି । ସ୍ୱାଧୀନତା ଦିବସ ଉତ୍ସବରେ ଯୋଗ ଦେଉଥିବା ଲୋକମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିଲାଗି ମଧ୍ୟ ଟ୍ରାଫିକ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

# ବିକଶିତ ଭାରତ ପାଇଁ ପିଏମ୍ ମୋଦିଙ୍କ ମାଷ୍ଟର ଫର୍ମୁଲା, ଶକ୍ତିଠାରୁ ଆରମ୍ଭ କରି ଖଣିଜ ସୁରକ୍ଷା ପର୍ଯ୍ୟନ୍ତ ବଡ଼ ପଦକ୍ଷେପ !

ନୂଆଦିଲ୍ଲୀ : 'ବିକଶିତ ଭାରତ' ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱତନ୍ତ୍ର ଫର୍ମୁଲା । ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବେ ଗଢ଼ିବା ସଂକଳ୍ପ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଶକ୍ତି ଓ ଖଣିଜ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆଜିର ସ୍ୱାଧୀନତା ଦିବସ ଅବସରରେ ଦେଶବାସୀଙ୍କୁ ସମ୍ବୋଧନ କରି ସେ କହିଛନ୍ତି ଯେ ଭାରତ ଆଉ ଅନ୍ୟ ଦେଶ ଉପରେ ନିର୍ଭର କରି ରହିବ ନାହିଁ; ଆମକୁ ନିଜ ସ୍ୱାର୍ଥର ସୁରକ୍ଷା ନିଜେ କରିବାକୁ ପଡ଼ିବ ।

**କ୍ରିଟିକାଲ୍ ମିନେରାଲ୍ ଓ ପରମାଣୁ ଶକ୍ତି:** ଆଧୁନିକ ପ୍ରଯୁକ୍ତିବିଦ୍ୟାରେ କ୍ରିଟିକାଲ୍ ମିନେରାଲ୍ (ଦୁର୍ଲଭ ଖଣିଜ) ର ଗୁରୁତ୍ୱ ବୃଦ୍ଧି ପାଉଥିବାବେଳେ ଭାରତ ଏହି କ୍ଷେତ୍ରରେ ନିଜକୁ ଆତ୍ମନିର୍ଭର କରୁଛି । ଭବିଷ୍ୟତରେ ବିଦ୍ୟୁତ୍ ଚାହିଦା ପୂରଣ ପାଇଁ ସରକାର ୫ଟି ନୂତନ ପରମାଣୁ ରିଆକ୍ଟର ଲକ୍ଷ୍ୟ ନେଇ ଆଗକୁ ବଢୁଛନ୍ତି । 'ସମୁଦ୍ର ମନ୍ଥନ' ଯୋଜନା: କଞ୍ଚା ତେଲ ପାଇଁ ବିଦେଶୀ ନିର୍ଭରଶୀଳତା କମାଇବାକୁ ସରକାର ୫ ହଜାର କୋଟି ଟଙ୍କା ବ୍ୟୟରେ 'ସମୁଦ୍ର ମନ୍ଥନ' ଯୋଜନା ଆରମ୍ଭ କରିଛନ୍ତି । ପୂର୍ବରୁ ସମୁଦ୍ରର ପ୍ରାୟ ୯୯ ପ୍ରତିଶତ ଅଞ୍ଚଳକୁ 'ନୋ-ଗୋ ଏରିଆ' ଅର୍ଥାତ୍ ଖୋଳାତାଡ଼ ନିଷିଦ୍ଧ କରାଯାଇଥିବାବେଳେ ବର୍ତ୍ତମାନ ସେଗୁଡ଼ିକୁ 'ଗୋ-ଅହେଡ୍ ଏରିଆ'ରେ ପରିବର୍ତ୍ତନ କରାଯାଇଛି । **ଶକ୍ତି ଓ ଗ୍ୟାସ୍ ସଂଯୋଗ:** ଦେଶର ୭୦୦ ସହରରେ ପାଇପ୍ ଜରିଆରେ ଗ୍ୟାସ୍ ପହଞ୍ଚୁଛି (ଯାହା ୨୦୧୪ ପୂର୍ବରୁ କେବଳ ୭୦ଟି ସହରରେ ଥିଲା) । ଏଥିସହ ହାଇଡ୍ରୋଜେନ୍ ଟ୍ରେନ୍ ଚଳାଚଳ ଦିଗରେ ମଧ୍ୟ ପଦକ୍ଷେପ ନିଆଯାଉଛି । **କୃଷକଙ୍କୁ ଶସ୍ତା ୟୁରିଆ ଓ ଡିଏପି:** ଅନ୍ତର୍ଜାତୀୟ ବଜାରରେ ୩,୦୦୦ ଟଙ୍କିଆ ୟୁରିଆ ବସ୍ତା କୃଷକଙ୍କୁ ମାତ୍ର ୩୦୦ ଟଙ୍କାରେ ଏବଂ ୫,୦୦୦ ଟଙ୍କିଆ ଡିଏପି ବସ୍ତା ମାତ୍ର ୧,୩୫୦ ଟଙ୍କାରେ ଯୋଗାଇ ଦିଆଯାଉଛି, ଯାହାଫଳରେ ଚାଷୀଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡୁନାହିଁ ।

**ବୈଶ୍ୱିକ ସ୍ଥିତି ଓ ଆତ୍ମନିର୍ଭରତା:** ଗ୍ଲୋବାଲାଇଜେସନ୍ ନାମରେ କିଛି ଲୋକ ସମ୍ବଳକୁ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ଚେଷ୍ଟା କରୁଥିବାବେଳେ, ଭାରତ ନିଜର କ୍ଷମତା ଓ ସମ୍ଭାବନା ବଳରେ ଆତ୍ମନିର୍ଭରଶୀଳତାର ପଥରେ ଦୃଢ଼ତା ସହ ଆଗକୁ ବଢୁଛି ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ସମ୍ପାଦକୀୟ

# ବିବିଧତା ମଧ୍ୟରେ ଏକତା

ଅପାର ବୈଭବ, ଅବିଶ୍ୱସନୀୟ ଉପଲବ୍ଧି, ଯାହା ବିଶ୍ୱର ଅନ୍ୟ କେଉଁଠି ନାହିଁ ତାହା ଭାରତରେ ରହିଛି । ଯେଉଁ କାମ କେହି କରିପାରିବେ ନାହିଁ ସେହି କାମ ଭାରତୀୟ କରିପାରିବେ । ଏକଥା ମିଛନୁହେଁ, ଭାରତର ସମ୍ପର୍କରେ ଆସିଥିବା ବିଦେଶୀ ଦାର୍ଶନିକ ମାନେ ଏକଥା କହିଛନ୍ତି । ଭାରତର ଭୌଗୋଳିକ ସଂରଚନା ଏମିତି ଯେ ବିଶ୍ୱରେ ଯେଉଁଠି ବି ଯାହାକିଛି ହେଉଛି ତାହା ଭାରତରେ ମଧ୍ୟ ହୋଇପାରିବ । କାରଣ ଆଣ୍ଟାର୍କଟିକା ଠାରୁ ନେଇ ଭୂମଧ୍ୟ ରେଖା ପର୍ଯ୍ୟନ୍ତର ଜଳବାୟୁ ଏବଂ ଭୂ-ଭୌତିକୀ ଯାହା ଅନ୍ୟତ୍ର ରହିଛି ତାହା ଭାରତରେ ଅନେକ ସ୍ଥାନରେ ଦେଖିବାକୁ ମିଳେ । ବିଶାଳ, ସମୁଦ୍ରତଟ, ବିସ୍ତୃତ ଜଙ୍ଗଲ, ହିମାଛାଦିତ ପର୍ବତ- ଶୃଖଳା, ମରୁସ୍ଥଳ, ପଠା, ନଦୀ, ଜଳାଶୟ, ଯଦି ସବୁ କିଛି କେଉଁ ଦେଶରେ ରହିଛି ସେହି ଦେଶ ହେଉଛି ଭାରତ ଏବଂ ଏହାର କାରଣ ହେଉଛି ବିଶ୍ୱର ଅଧିକାଂଶ ଜୀବ ପ୍ରଜାତି ଭାରତରେ ଉପଲବ୍ଧ । ଏପରିକି ଯେଉଁ ପ୍ରଜାତି ନାହାଁନ୍ତି ସେମାନଙ୍କ ନିର୍ବାହ ଭାରତରେ ମଧ୍ୟ ସମ୍ଭବ । ପ୍ରକୃତି ଭାରତ ପ୍ରତି ଅତ୍ୟଧିକ ଦୟା ପ୍ରଦର୍ଶନ କରିଛି ଯାହାକୁ ଦେଖି ବିଶ୍ୱର ଅନେକ ଦେଶ ଈର୍ଷାନ୍ୱିତ । ସୁନା, ରୂପା, ତମ୍ବା, ଲୁହା, ଜିଙ୍କ, ହୀରା, ନୀଳା, ମୋତି ଯେଉଁସବୁକୁ ପ୍ରାଚୀନ କାଳରେ ମୂଲ୍ୟବାନ ବୋଲି କୁହାଯାଉଥିଲା ସେ ସବୁ ମଧ୍ୟ ଭାରତରେ ରହିଛି । ଅନେକ ବିଦେଶୀ ଦାର୍ଶନିକ ଐତିହାସିକ ଭାରତକୁ ନେଇ ହୃଦୟଗ୍ରାହୀ ଚିତ୍ରଣ କରିଛନ୍ତି । କିନ୍ତୁ ଆମ ଦେଶର ନେତୃତ୍ୱ ଏକଥା ବୁଝିପାରୁନାହାଁନ୍ତି । କେମିତି ବିଶ୍ୱର ସବୁ ମାନବ ପ୍ରଜାତିର ନମୁନା ଭାରତରେ ଏକତ୍ରିତ ହୋଇଛି ଏ କଥାକୁ ଯେତେ ବୁଝିବାକୁ ଉଦ୍ୟମ କଲେ ବି ବୁଝିହେଉ ନାହିଁ । ଭାରତୀୟ ସମାଜକୁ ବୁଝିବା ମଧ୍ୟ ସହଜ ନୁହେଁ । ଅସଂଖ୍ୟ ମାନବ ସମୁଦାୟର  ଜିନ୍ ମଧ୍ୟ ପରିସ୍ଥିତି ଅନୁସାରେ ଏଠାକୁ ଆସିଛି ଓ ଏଠାରେ କାୟା ବିସ୍ତାର କରିଛି । କିଛି ମଧ୍ୟ ଅନ୍ୟ ଆଡକୁ ଚାଲିଯାଇଛନ୍ତି । ଏତେ ସମୁଦାୟ ରହିଥିବା କାରଣରୁ ପ୍ରାକ୍ କାଳରୁ ଭାରତ ମଧ୍ୟ ଅଧିକ ଜନସଂଖ୍ୟା ବିଶିଷ୍ଟ କ୍ଷେତ୍ର ଭାବେ ପରିଚିତ । ଯେଉଁମାନେ ଏଠାକୁ ଆସିଛନ୍ତି ସେମାନେ ନିଜର କୌଶଳ ଏବଂ ଜୀବିକା ସାଧନକୁ ସାଥିରେ ଆସିଛନ୍ତି । ପରସ୍ପର ଭିନ୍ନତା ସତ୍ୱେ କୌଶଳର ଆଦାନ ପ୍ରଦାନ ହେଉଥିଲା ଏବଂ ପରସ୍ପର ମଧ୍ୟରେ ଭାଷା, ସଂସ୍କୃତି ଏବଂ ଖାଦ୍ୟ ପାନୀୟକୁ ନେଇ ବିବାଦ ନଥିଲା । କିନ୍ତୁ ନିଜର ପରିଚୟକୁ ଜାହିର କରିବାର ଚିନ୍ତା ଥିଲେ ମଧ୍ୟ କେହି କାହାର ବ୍ୟକ୍ତିଗତ ମାମଲାରେ ହସ୍ତକ୍ଷେପ କରୁନଥିଲେ । ଆର୍ଥୀକ ଏବଂ ସାମାଜିକ ଗତିବିଧି କାରଣରୁ ବୃହତର ସାମାଜିକ ସଂରଚନାର ନିର୍ମାଣ କ୍ରମରେ ବଡ଼ ଭୂଭାଗରେ ପାରସ୍ପରିକ ବିଲୟ ପରେ ମଧ୍ୟ ସମସ୍ତଙ୍କୁ ନିଜ ନିଜର ରୀତିନୀତି ପାଇଁ ସ୍ୱାଧିନତା ମିଳିଥିଲା । ଏହି କାରଣରୁ ପୁରୁଣା ପରିଚୟ ହଜି ଯାଉଥିଲେ ବି ସମସ୍ତେ ମିଳିମିଶି ରହୁଥିଲେ ଓ ପରସ୍ପର ବିରୋଧି ମୂଲ୍ୟ ଏବଂ ମାନ୍ୟତାକୁ ମଧ୍ୟ ସ୍ୱୀକାର କରିନେଇଥିଲେ । ବିବାହ ଠାରୁ ଆରମ୍ଭ କରି ଅନ୍ତ୍ୟେଷ୍ଟିର ଅନେକ ରୂପ ଶାସ୍ତ୍ରୀୟ ଏବଂ ସାମାଜିକ ସ୍ୱୀକୃତି କାରଣରୁ ପ୍ରଚଳିତ ରହିଛି । ଏକଥା ଭିନ୍ନ ଯେ ସମୁଦାୟ ମାନେ ସେମାନଙ୍କ ସଂସ୍କୃତି ଓ ସାମାଜିକ ଚଳଣିକୁ ଅନ୍ୟମାନଙ୍କ ଠାରୁ ଅଧିକ ଭଲ ବୋଲି କହିଥାନ୍ତି । ବିବାହର ଆଠ ରୀତି ବାବଦରେ ଶାସ୍ତ୍ରୀୟ ବିଧାନ ରହିଛି ପରନ୍ତୁ ଅନ୍ତ୍ୟେଷ୍ଟି ବାବଦରେ ସାହିତ୍ୟ ଏବଂ ଲୋକ ଚଳଣି ହିଁ ଆମର ମାର୍ଗଦର୍ଶକ ଅଟେ । ଜଳପ୍ରବାହ, ଅଗ୍ନିଦାହ, ଅର୍ଘଦାହ, ସମାଧି ଭଳି ପ୍ରଥା ରହିଛି । କେତେକ ପ୍ରଥା ବର୍ତ୍ତମାନ ବି ଚାଲିଛି । ଅନେକ ପ୍ରଥା ସମ୍ପର୍କରେ ଲିଖିତ ତଥ୍ୟ ନାହିଁ କିନ୍ତୁ ସେସବୁ ଚାଲିଛି । ଏସବୁ ପରେ ସବୁଠାରୁ ମହତ୍ୱପୂର୍ଣ୍ଣ ବିକାଶ ଏହି ମହାସଙ୍ଗମ କାରଣରୁ ସମ୍ଭବ ହୋଇ ପାରିଥିଲା ତାହା ହେଉଛି ଜୀବିକାର କୃତ୍ରିମ ଉପାୟ । ପ୍ରଥମେ କୃଷି ତା ପରେ ବିଭିନ୍ନ ବାଗ୍‌ବଗିଚା ଏବଂ ପଶୁପାଳନ ଜୀବିକାର୍ଜନର ପ୍ରମୁଖ ବ୍ୟବସ୍ଥା ଥିଲା । ପରବର୍ତ୍ତୀ ସମୟରେ ଏଥିରେ ଢ଼େର ବିକାଶ ଘଟିଛି । ହିଂସ୍ର, ବିଷାକ୍ତ ଏବଂ ବିଶାଳ ଜୀବ ଯେଉଁ ମାନଙ୍କୁ ପ୍ରଶିକ୍ଷଣ ଦେବା କଷ୍ଟକର ଏବଂ ପାଳନ ଅନୁପଯୋଗୀ ସେମାନଙ୍କୁ ଛାଡି ଅନ୍ୟ ସମସ୍ତ ଜୀବଙ୍କୁ ପାଳନ କରାଗଲା । କେତେକ ଜୀବଙ୍କୁ ମନୋରଞ୍ଜନର ସାଧନ ଭାବେ ବ୍ୟବହାର କରାଗଲା । ଏଥିରେ ଭାରତୀୟ ବିଚିତ୍ରତାର ଏକ ନୂଆ ପକ୍ଷ ଯୋଡିହୋଇ ଯାଇଥିଲା । ଯାହା ଅବିଶ୍ୱସନୀୟ ଥିଲା । ଏହା ଭାରତର ପରିଚୟ ସହ ମଧ୍ୟ ଯୋଡି ହୋଇଯାଇଥିଲା, ଭାରତରେ କେଳା (ସାପ ଖେଳାଉଥିବା ଲୋକେ) ଏବଂ ମାଙ୍କଡକୁ ନଚାଇ ଜୀବିକାର୍ଜନ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ । ଦୁନିଆର ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ ହେଉଛି ବିଶ୍ୱ ସମୁଦାୟ ଭାରତକୁ ଭୂଭାଗର ସ୍ୱର୍ଗ- ହିନ୍ଦୁସ୍ଥାନ ଭାବିବାକୁ ଲାଗିଛି । ଯେଉଁମାନେ ଅନ୍ୟ ଭୂଭାଗରୁ ଏଠାକୁ ଆସିଥିଲେ ଓ ବସବାସ କଲେ ସେମାନେ ଏଠାକାର ସମୁଦାୟଙ୍କ ସହ ମିଶି ଏହାକୁ ସ୍ୱର୍ଗଠାରୁ ଶ୍ରେଷ୍ଠ ସ୍ୱର୍ଗାଦପି ଗରୀୟସୀ ମାନୁଥିଲେ ଓ ପାରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବାତାବରଣ ସୃଷ୍ଟି କରି ରହିଲେ । ବିବିଧତା ମଧ୍ୟରେ ଏକତା ଥିଲା ଭାରତର ସୌନ୍ଦର୍ଯ୍ୟ ଯାହା ଏବେବି ରହିଛି । ହଜାର ବର୍ଷ ପୂର୍ବର ଦୁନିଆ କଥା ଯଦି କହିବା ତେବେ ଭାରତ ବାହାର ଜଗତ ପାଇଁ ଏକ ଆଶ୍ଚର୍ଯ୍ୟଲୋକ ବା ଭୂଭାଗ ଥିଲା । ପ୍ରକୃତି ଏହି ଭାରତ ଭୂଭାଗକୁ ଅନେକ କିଛି ଦେଇଛି ଯାହା ଅନ୍ୟ ଭୂଭାଗରେ ନାହିଁ । ଅନେକ ପ୍ରଜାତିର ଜୀବଜନ୍ତୁ, ସରୀସୃପ, କସ୍ତୁରୀମୃଗଠାରୁ ନୀଳଗାଇ ଏବଂ ହରିଣର ବିଭିନ୍ନ ପ୍ରଜାତି ଭାରତରେ ଅଛନ୍ତି । ଜଙ୍ଗଲରେ ଅନେକ ପ୍ରକାର ଫଳ, ମୂଳ ରହିଛି । ଅନେକ ପ୍ରକାରର ବନସ୍ପତି ମଧ୍ୟ ରହିଛି । ଏହା ହେଉଛି ବିବିଧତା ଯାହା ବିଶ୍ୱର ଅନ୍ୟ କୌଣସି ଠାରେ ଦେଖିବାକୁ ମିଳେନାହିଁ ।  ଏଠି ସହ ଅସ୍ତିତ୍ୱର ବିବିଧତା ରହିଛି ଯାହା ଏକ ପ୍ରମୁଖ ବିଶେଷତା ।

# ଆମେ କେତେ ସ୍ୱାଧୀନ

ଆଜି ଠାରୁ ଠିକ ୭୯ ବର୍ଷ ପୂର୍ବେ ବ୍ରିଟିଶ ଶାସନ କବଳରୁ ଆମ ପ୍ରିୟ ଭାରତ ବର୍ଷକୁ ଯେଉଁମାନେ ମୁକ୍ତ କରିଥିଲେ, ୮୦ତମ ସ୍ୱାଧୀନତା ଦିବସ ଅବସରରେ ସେହି ବୀର ସୂରୀମାନଙ୍କର ସ୍ମୃତିଚାରଣ କରାଯାଉଛି । ଏକ ଦୀର୍ଘ ସମୟ ଗୁଲାମୀର ଜଞ୍ଜିରରେ ବାନ୍ଧି ହୋଇ ରହିବା ପରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଆମ ଦେଶ ସ୍ୱାଧୀନ ହେଲା । ଦେଶର ତତ୍ ?କାଳୀନ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ କହିଥିଲେ ‘“ ହିନ୍ଦୁସ୍ତାନ ବହୁ ଧର୍ମ ଓ ଭାଷାଭାଷୀର ଦେଶ, ଯହିଁରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟୀୟାନ, ଶିଖ, ବୌଦ୍ଧ ଓ ପାରସୀୟମାନେ ବାସ କରନ୍ତି । ସେମାନଙ୍କର ଦେଶ ପ୍ରତି ସମାନ ଅଧିକାର ରହିଛି । ଯେଉଁ ବ୍ୟକ୍ତି ଦେଶର ଏକତା ଓ ଅଖଣ୍ଡତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛି, ସେ ଦେଶ ସହିତ ବିଶ୍ୱାସଘାତକତା କରୁଛି । ‘’ଆମ ଦେଶର ଏହା ପରମ ସୌଭାଗ୍ୟ ଯେ ଏହି ଦେଶରେ ଅନେକ ଅବତାର, ମହାପୁରୁଷ ଏବଂ ଧର୍ମପ୍ରବର୍ତ୍ତକ ଜନ୍ମ ନେଇ ଏ ମାଟିକୁ ପବିତ୍ର କରିଛନ୍ତି । ମାନବ ଜନ୍ମର ସାର ସେମାନେ ବୁଝାଇଛନ୍ତି । ମଣିଷ ଜାତି ସମସ୍ତେ ଭାଇ ଭାଇ ବୋଲି କହି ବସୁଧୈବ କୁଟୁମ୍ବକମ୍ ?ର ପରିବେଶ ଗଢିଛନ୍ତି । ସେହି ମହାତ୍ମାମାନେ ଆମକୁ ସର୍ବେଭବନ୍ତୁ ସୁଖିନଃର ବାର୍ତ୍ତା ଦେଇଛନ୍ତି । ସେମାନଙ୍କର ଶିକ୍ଷା ବିଶ୍ୱବ୍ୟାପୀ ଥିଲା । ବିଶ୍ୱ ଭାଇଚାରା ସୃଷ୍ଟି କରିବା ଏବଂ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବା ସେମାନଙ୍କର ଲକ୍ଷ ଥିଲା । ରାମଙ୍କ ରାଜ୍ୟ, ଯୁଧୀଷ୍ଠିରଙ୍କ ନ୍ୟାୟ, ଦାନବୀର ହରିଶ୍ଚନ୍ଦ୍ରଙ୍କ ଦାନର ପରିବେଶ ଏବେ କାଳକ୍ରମେ ବିଲୁପ୍ତ ହୋଇ ଚାଲିଛି । ସ୍ତ୍ରୀ ଓ ପୁରୁଷ ପରି ମାତ୍ର ଦୁଇଗୋଟି ଜାତିକୁ ଏବେ ଏ କଳୀଯୁଗର ମଣିଷ ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ କରିସାରିଛି । କୁଟରାଜନୀତି ଏବେ ମଣିଷକୁ ନିଜ ହାତହତିଆର ରୂପେ ବ୍ୟବହାର କରୁଛି । ମଣିଷ ମଣିଷକୁ ଏବେ ଏପରି କାଟୁଛି ଯେପରି ପନିପରିବା କଟାଯାଉଛି । ତେବେ ଆମେ ପରାଧୀନ ରହି, ଗୋଲାମ ହୋଇ, କଷଣ ସହି,ସ୍ୱାଧୀନ ହେଲା ପରେ ଶିଖିଲେ କ‘ଣ ଏବଂ ପାଇଲେ କ’ଣ ? ଏବେ ବି ଆମେ ଜଣେ ଅନ୍ୟ ଜଣକୁ ନାଲି ଆଖି ଦେଖାଉଛି । ଅନ୍ୟ ଠାରୁ କିଛି ପାଇବାର ଲାଳସା ରଖି ବସୁଛି । ଅନ୍ୟାୟ, ଅତ୍ୟାଚାର, ପାପାଚାର, ଦୂରାଚାର ଆମ ଅଭ୍ୟାସରେ ପରିଣତ ହୋଇସାରିଛି । ନାରୀ ନିର୍ଯାତନା, ଦୁଷ୍କର୍ମତା, ବ୍ୟଭିଚାରୀତା, ଦୁର୍ନିତି ଏବଂ ଭ୍ରଷ୍ଟାଚାର ସାଧାରଣ ହୋଇଗଲାଣି । ଅଧିକାଂଶ ଲୋକଙ୍କୁ ବସ୍ତୁର ଲାଳସା ଏବଂ ଧନର ନିଶା ଏତେ ମାତ୍ରାରେ ଘାରିଥାଏ ଯେ ସେମାନେ ନିଜ ଦେଶ ପ୍ରତି ବିଶ୍ୱସ୍ତ ହୁଅନ୍ତି ନାହିଁ, ବରଂ ସେମାନେ ଦେଶର ଆଇନକୁ ଉଲଂଘନ କରିଥାନ୍ତି । ବିଭିନ୍ନ ଅନୈତିକ କାର୍ଯ୍ୟ କରି ଅନ୍ୟର କ୍ଷତି ଘଟାଇବା, ବେଆଇନ କାର୍ଯ୍ୟରେ ଲିପ୍ତ ରହି ନିଜ ଦେଶକୁ ପ୍ରତାରିତ କରିବା, ଅସାଧୁ ଉପାୟରେ ଧନାଦି ଉପାର୍ଜନ କରିବା ଓ ଜାଲିଆତି କରି ଅନ୍ୟର ଅର୍ଥ ଆତ୍ମସାତ କରିବା । ସମସ୍ତ ସୀମା ଉଲଂଘନ କରି ଦେଶ ତଥା ସମାଜର ପ୍ରଭୂତ କ୍ଷତି ସାଧନ କରିବା ଇତ୍ୟାଦି ଦୈନ୍ୟନ୍ଦିନର କାର୍ଯ୍ୟକଳାପ ହୋଇଯାଇଛି । ଦେଶ ବା ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରିବା, ବିଶ୍ୱାସଘାତକତା ଏବଂ ପ୍ରତାରଣାମୂଳକ କାର୍ଯ୍ୟ କରିବା ବାରଣ ଥାଇ ମଧ୍ୟ ଏପରି କାର୍ଯ୍ୟ ଯୋଗୁଁ ଦେଶ ଓ ଜାତିର ନିରାପତ୍ତା ତଥା ଶାନ୍ତି ବ୍ୟାହତ ହୋଇଥାଏ । ପୁଣି ଏଗୁଡିକ ଏକ ଦେଶ ବିରୋଧୀ ଆନ୍ତର୍ଘାତୀ କାର୍ଯ୍ୟକଳାପ ।

ପୂର୍ବାଲୋଚିତ ସମସ୍ତ ଦିଗକୁ ବିଚାର କଲେ, ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଜଣେ ବ୍ୟକ୍ତି ନିଜ ଦେଶ ପ୍ରତି ବିଶ୍ୱାସଭାଜନ ହେବା ସକାଶେ ତା ପାଇଁ ଧୈର୍ଯ୍ୟ ଓ ସହନଶୀଳତା ଏକାନ୍ତ ଆବଶ୍ୟକ । ଏହା ତା’ର ନୈତିକ ଗାରିମାକୁ ଉଦ୍ ?ଭାସିତ କରାଏ ଏବଂ ମାତୃଭୂମିର ସମସ୍ତ ଆଇନ କାନୁନକୁ ପାଳନ କରିବା ପାଇଁ ସେ ଅନୁପ୍ରାଣୀତ ହୁଏ । ଦେଶର ଅନେକ ଭାଗରେ ସରକାରଙ୍କ ନୀତି ବିରୁଦ୍ଧରେ ପ୍ରତିବାଦକରି ଜନତା ଧର୍ମଘଟରେ ସାମିଲ ହୁଅନ୍ତି । ଅନେକ ଜାଗାରେ ବିକ୍ଷୋଭ ପ୍ରଦର୍ଶନକାରୀମାନେ ଭଙ୍ଗାରୁଜା ଓ ପୋଡାଜଳା କରି ଅନେକ ଧନ ଜୀବନ ନଷ୍ଟ କରୁଛନ୍ତି । ସେଥିରେ ଅନେକ ସରକାରୀ ଓ ବେସରକାରୀ ସମ୍ପତି ମଧ୍ୟ ଧ୍ୱଂସ ହୁଏ । ଦେଶପ୍ରେମ ନାମରେ ଏହି କାଣ୍ଡ ଭିଆଉ ଥିବାର ସେମାନେ ଦାବି କରନ୍ତି ସିନା ମାତ୍ର ପ୍ରକୃତ ପକ୍ଷେ ସେମାନଙ୍କ ଆଚରଣରେ ଦେଶ ପ୍ରତି ଭକ୍ତି ଓ ସମ୍ମାନ ପ୍ରଦର୍ଶନ ଲେଶ ମାତ୍ର ଚିହ୍ନ ନଥାଏ । ଏହା ମନେ ରଖିବାକୁ ହେବ ଯେ କୌଣସି ହିଂସାକାଣ୍ଡଜନିତ କ୍ଷୟକ୍ଷତି ବା ଅପରାଧ ନ କରି ବିଭିନ୍ନ ଧର୍ମଘଟ ଶାନ୍ତିପୂର୍ଣ୍ଣ ଭାବରେ ଆୟୋଜିତ ହେଉଥିଲେ ସୁଦ୍ଧା ଏହାର ପରିଣାମ ନକାରତ୍ମକ ହୋଇଥାଏ । ଶାନ୍ତିପୂର୍ଣ୍ଣ ଧର୍ମଘଟ ସତ୍ତ୍ୱେ ଅନେକ ଦେଶରେ ଅର୍ଥନୈତିକ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୁଏ, ଯଦ୍ଦ୍ୱାରା ସେହି ଦେଶ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତି ସହିବାକୁ ବାଧ୍ୟ ହୁଏ । ଏହାକୁ କୌଣସି ପରିସ୍ଥିତିରେ ବି ଦେଶ ପ୍ରତି ଭକ୍ତି ଓ ବିଶ୍ୱସନୀୟତା କୁହାଯାଇ ପାରିବ ନାହିଁ ।

ଏହାକୁ ସୁବ୍ୟବସ୍ଥିତ କରିବା ଆମ ରାଷ୍ଟ୍ରର ପ୍ରତ୍ୟେକ ନାଗରିକଙ୍କ ପରମ କର୍ତ୍ତବ୍ୟ । ଆମ ଦେଶର ଶାସକଙ୍କ ପ୍ରତି ଆଜ୍ଞାନୁବର୍ତ୍ତୀ ହେବା ପ୍ରତ୍ୟେକ ନାଗରିକଙ୍କ ପ୍ରତି ଅପରିହାର୍ଯ୍ୟ । ଦେଶରେ କୌଣସି ପ୍ରକାରର ଧର୍ମଘଟ ବା ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯଦି ଆଇନ ସଂଗତ ଅନୁମତି ପ୍ରଦାନ କରେ, ତେବେ ସେହି ଦେଶର କୌଣସି କ୍ଷତି ନ ଘଟାଇ ଅଥବା ଜାତୀୟ ସମ୍ପତି ଧ୍ୱଂସ ନ କରି ଯାହା କି ଆର୍ଥିକ ଅବନତିର କାରଣ ହେବ, ଧର୍ମଘଟକାରୀ ଓ ବିକ୍ଷୋପ ପ୍ରଦର୍ଶନକାରୀମାନେ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ ।

ପରିଶେଷରେ ଏତିକି କୁହାଯାଇପାରେ ଯେ ଆଜି ପୃଥ ?ବୀ ଗୋଟିଏ ଗୋଲାକାର ଗ୍ରାମରେ ପରିଣତ ହୋଇଛି । ପୃଥ ?ବୀବାସୀ ଅତି ଘନିଷ୍ଟ ଭାବରେ ପରସ୍ପର ମଧ୍ୟରେ ସଂଯୁକ୍ତ ହୋଇଛନ୍ତି । ସବୁ ଜାତି, ଧର୍ମ ଓ ସଂସ୍କୃତିର ଲୋକମାନେ ଆମ ଦେଶରେ ଦେଖାଯାଆନ୍ତି । ତେଣୁ ଦେଶର ପ୍ରତ୍ୟେକ ନେତା ଏବଂ ନାଗରିକ ସାଧାରଣ ଅଧିବାସୀଙ୍କର ମାନସିକ ଆବେଗ ଓ ହୃଦୟର ଭାବନାକୁ ବିଚାରକୁ ନେଇ ସେଥିପ୍ରତି ସମ୍ମାନ ଜଣାଇବା ଆବଶ୍ୟକ । ସେଠାକାର ନେତା ଓ ପ୍ରଶାସନ ଏପରି ଆଇନ ପ୍ରଣୟନ କରିବାକୁ ଚେଷ୍ଟିତ ହେବା ଉଚିତ, ଯାହା ସତ୍ୟ ଓ ନ୍ୟାୟର ଅଶାନ୍ତର କାରଣ ହେବ ନାହିଁ । ଏକପକ୍ଷେ ଅନ୍ୟାୟ ଓ କ୍ରୁରତା ଲୋପ ପାଇବ ଓ ଅନ୍ୟ ପକ୍ଷେ ଆମେ ପ୍ରକୃତ ନ୍ୟାୟ ପାଇବା ପାଇଁ ସଦା ତତ୍ପର ହେବା । ତେବେ ଯାଇ ଆମେ ପ୍ରକୃତ ସ୍ୱାଧୀନ ବୋଲି କୁହାଇବା ଏବଂ ପ୍ରକୃତ ଶାନ୍ତି ଓ ସହିଷ୍ଣୁତା ପାଇପାରିବା । ଦେଶ ପ୍ରତି ସମ୍ମାନ ପ୍ରକଟ କରିପାରିବା । ଆମେ ପ୍ରକୃତ ନାଗରିକ ବୋଲାଇ ପାରିବା ।

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରବର୍ତ୍ତକ ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ହେ ମୋର ପ୍ରିୟ ଦେଶବାସୀ ! ଆପଣମାନେ ନିଜ ଭିତରେ ଭ୍ରାତୃଭାବ ସୃଷ୍ଟି କରନ୍ତୁ । ପ୍ରତ୍ୟେକ ସ୍ତରରେ ସାମ୍ବିଧାନିକ ଚୁକ୍ତି ଅନୁସାରେ କର୍ତ୍ତବ୍ୟ ପାଳନ ପାଇଁ ଅଙ୍ଗୀକାରବଦ୍ଧ ହୁଅନ୍ତୁ । ଦିବ୍ୟ ବାର୍ତ୍ତାବହ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କୁହନ୍ତି ଦେଶପ୍ରେମ ଧର୍ମବିଶ୍ୱାସର ଏକ  ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ନିଷ୍ଠାପୂର୍ଣ୍ଣ ଦେଶଭକ୍ତି ଅତିଆବଶ୍ୟକ । ବିଶ୍ୱପଟରେ ଏବଂ ଭାରତ ବର୍ଷର ଯେକୌଣସି ଅଂଚଳରେ ହେଉବା ନା କାହିଁକି ଅହମଦୀୟା ମୁସଲିମ ସମ୍ପ୍ରଦାୟର ସଭ୍ୟମାନେ ସର୍ବଦା ପ୍ରତ୍ୟେକ ପ୍ରକାରର ତ୍ୟାଗ ସ୍ୱୀକାର କରିବାକୁ ତତ୍ପର ହୋଇ ରହିଥାନ୍ତି । କାରଣ ସ୍ୱଦେଶ ପ୍ରେମ ଏବଂ ଦେଶ ପ୍ରତି ଅନୁରକ୍ତ ହେବା ପ୍ରତ୍ୟେକ ମନୁଷ୍ୟର ଜନ୍ମସିଦ୍ଧ ଅଧିକାର ବୋଲି ସେମାନେ ବିଶ୍ୱାସ କରନ୍ତି । ଆସନ୍ତୁ ଆମେ ସ୍ୱାଧୀନତାର ପ୍ରକୃତ ଅର୍ଥକୁ ବୁଝି ନିଜ ଦେଶ ପ୍ରତି ତ୍ୟାଗ ଓ ବଳିଦାନର କର୍ତ୍ତବ୍ୟ ବହନ କରିବା । ଏବଂ ମେରା ଭାରତ ମହାନର ପ୍ରକୃତ ଦାୟଦ ବୋଲାଇବା । ଜୟ ହିନ୍ଦ୍ ।




ମୌଲାନା ଫଜଲ ହକ ଖାନ୍
ମଙ୍ଗଳାବାଗ-କଟକ
୯୬୯୨୨୫୦୫୭

# ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ ପରମାଣୁ ବିଦ୍ୟୁତ୍ ଲକ୍ଷ୍ୟ

ନୂଆଦିଲ୍ଲୀ : ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରୁ ଦେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ବଡ଼ ଘୋଷଣା କରିଛନ୍ତି । ଚିପ୍, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଇଓ) ଏବଂ ଡାଟା ସେଣ୍ଟର ପରି ଅତ୍ୟାଧୁନିକ କ୍ଷେତ୍ରର ବର୍ଦ୍ଧିତ ବିଦ୍ୟୁତ୍ ଚାହିଦାକୁ ପୂରଣ କରିବା ପାଇଁ ପରମାଣୁ ଶକ୍ତିକୁ ସୁଦୃଢ଼ କରିବା ଅତ୍ୟନ୍ତ ଜରୁରୀ । ଭାରତ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ ପରମାଣୁ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଚଳିତ ଦଶକ ମଧ୍ୟରେ ୧୦ଟି ନୂତନ ପରମାଣୁ ରିଆକ୍ଟର କାର୍ଯ୍ୟକ୍ଷମ ହେବ । ଭାରତ ଚଳିତ ବର୍ଷ ଫାଷ୍ଟ ବ୍ରିଡର ନ୍ୟୁକ୍ଲିୟର୍ ଟେକ୍ନୋଲୋଜିରେ ମହାରଥୀ ହାସଲ କରି ଏକ ଐତିହାସିକ ମାଇଲଖୁଣ୍ଟ ସ୍ପର୍ଶ କରିଛି । ତାମିଲନାଡୁର କଳପକ୍କମ୍ ସ୍ଥିତ ପ୍ରୋଟୋଟାଇପ୍ ଫାଷ୍ଟ ବ୍ରିଡର ରିଆକ୍ଟର (ଚରଇଜ) ଏପ୍ରିଲ ୨୦୨୬ରେ ଏହାର ପ୍ରଥମ କ୍ରିଟିକାଲିଟି (ନିୟନ୍ତ୍ରିତ ପରମାଣୁ ଶୃଙ୍ଖଳା ପ୍ରତିକ୍ରିୟା) ହାସଲ କରିଛି । ୫୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଏହି ସମ୍ପୂର୍ଣ୍ଣ ସ୍ୱଦେଶୀ ରିଆକ୍ଟରକୁ ଭାରତର ତ୍ରି-ପର୍ଯ୍ୟାୟ ପରମାଣୁ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟର ମୂଳଦୁଆ ଭାବେ



ବିବେଚନା କରାଯାଉଛି ।

ସାଧାରଣ ରିଆକ୍ଟର ତୁଳନାରେ ଏହା ଖର୍ଚ୍ଚ ହେଉଥିବା ଇନ୍ଧନଠାରୁ ଅଧିକ ଇନ୍ଧନ ସୃଷ୍ଟି କରିଥାଏ, ଯାହାକୁ ବୈଜ୍ଞାନିକମାନେ 'ଅକ୍ଷୟ ପାତ୍ର' ସହିତ ତୁଳନା କରିଛନ୍ତି । ଏହି ଟେକ୍ନୋଲୋଜି ଦ୍ୱାରା ଦେଶର ସୀମିତ ୟୁରାନିୟମ୍ ସମ୍ବଳରୁ କେତେଗୁଣା ଅଧିକ ଶକ୍ତି ମିଳିପାରିବ ଏବଂ ପରମାଣୁ ଇନ୍ଧନ ଆମଦାନୀ ଉପରେ ଭାରତର ନିର୍ଭରଶୀଳତା ବହୁ ପରିମାଣରେ କମିବ । ରୁଷ ପରେ ବ୍ୟବସାୟିକ ସ୍ତରରେ ଏହି ପ୍ରଦୂଷଣମୁକ୍ତ ପ୍ରଯୁକ୍ତିବିଦ୍ୟା ଚାଳନା କରୁଥିବା ଭାରତ ବିଶ୍ୱର ଦ୍ୱିତୀୟ ଦେଶ ହେବାର ଗୌରବ ଅର୍ଜନ କରିଛି ।

ବର୍ତ୍ତମାନ ଭାରତର ପରମାଣୁ କ୍ଷମତା ପ୍ରାୟ ୮.୮ ଗିଗାୱାଟ୍ ଥିବାବେଳେ ୨୦୪୭ ସୁଦ୍ଧା ଏହାକୁ ୧୦୦ ଗିଗାୱାଟ୍ ?କୁ ବୃଦ୍ଧି କରାଯିବ । ଦ୍ରୁତ ଗତିରେ ସ୍ଥାପନ କରାଯାଇପାରୁଥିବା ଛୋଟ ମଡ୍ୟୁଲାର୍ ରିଆକ୍ଟରଗୁଡ଼ିକୁ ମଧ୍ୟ ଏଥିରେ ସାମିଲ କରାଯିବ । ସରକାର ଆଇନଗତ ସଂସ୍କାର ଆଣି ପରମାଣୁ କ୍ଷେତ୍ରରେ ବେସରକାରୀ କ୍ଷେତ୍ରର ଭାଗିଦାରୀ ପାଇଁ ମାର୍ଗ ପ୍ରଶସ୍ତ କରିଛନ୍ତି । ଏହା କେବଳ ବିଦ୍ୟୁତ୍ ଚାହିଦା ମେଣ୍ଟାଇବନି, ବରଂ କାର୍ବନ୍ ନିର୍ଗମନ ହ୍ରାସ ଏବଂ 'ନେଟ୍ ଜିରୋ' ଲକ୍ଷ୍ୟ ହାସଲ କରିବାରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିବ । ଇନ୍ଦିରା ଗାନ୍ଧୀ ପରମାଣୁ ଅନୁସନ୍ଧାନ କେନ୍ଦ୍ର ଏବଂ ଭାଭା ପରମାଣୁ ଅନୁସନ୍ଧାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ଦୀର୍ଘଦିନର କଠିନ ପରିଶ୍ରମ ତଥା 'ଆତ୍ମନିର୍ଭର ଭାରତ' ଅଭିଯାନର ଏହା ଏକ ଜ୍ୱଳନ୍ତ ଉଦାହରଣ ।

# ଉତ୍ତର ଓଡ଼ିଶାର ବନ୍ୟା ସ୍ଥିତି ଉପରେ ନଜର

ଭୁବନେଶ୍ୱର : ଉତ୍ତର ଓଡ଼ିଶାର ବନ୍ୟା ସ୍ଥିତି ଉପରେ ନଜର ରଖାଯାଉଛି । ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ମଧ୍ୟମ ଧରଣର ବନ୍ୟା ଆଶଙ୍କା ରହିଥିବାରୁ ଗ୍ରାଉଣ୍ଡରେ ଅଧିକାରୀମାନେ ମୁତୟନ ଅଛନ୍ତି । ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ସ୍ଥାନାନ୍ତରଣ ମଧ୍ୟ ଆରମ୍ଭ ହୋଇଛି ।





ଏନେଇ ଏସଆରସି ରାଜେଶ ପ୍ରଭାକର ପାଟିଲ ସୂଚନା ଦେଇଛନ୍ତି । ଜଳକା ଓ ସାଳନ୍ଦୀ ନଦୀରେ ବନ୍ୟା ସ୍ଥିତି ରହିଥିବା ବେଳେ ବୈତରଣୀ, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖାରେ ମଧ୍ୟ ଜଳସ୍ତର ବଢ଼ିବାର ଆଶଙ୍କା ରହିଛି । ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିଥିବାରୁ ବାଲେଶ୍ୱର ଜିଲ୍ଲା ପ୍ରତି ବିପଦ ବଢ଼ିଛି । ତେବେ ବାରିପଦାରେ ବୁଢ଼ାବଳଙ୍ଗର ଜଳସ୍ତର କମିଥିବା ସୂଚନା ମିଳିଛି । ବାଲେଶ୍ୱର ସଦର ଓ ରେମୁଣା ବ୍ଲକର ପ୍ରାୟ ୧୫ଟି ପଞ୍ଚାୟତରେ ବନ୍ୟାର ପ୍ରଭାବ ରହିଛି । ଭୋଗରାଇ ଓ ବସ୍ତା ବ୍ଲକକୁ ମଧ୍ୟ ସତର୍କ କରାଯାଇଛି । ଝାଡ଼ଖଣ୍ଡରେ ଅଧିକ ବର୍ଷା ହୋଇଥିବାରୁ ସୁବର୍ଣ୍ଣରେଖା ସମେତ କିଛି ନଦୀର ଜଳସ୍ତର ଉପରେ ଏହାର ପ୍ରଭାବ ପଡ଼ିପାରେ । ଯାଜପୁରରେ ମଧ୍ୟ ଜଳସ୍ତର ବଢ଼ିଥିବା ବେଳେ ଆନନ୍ଦପୁରରେ ନଦୀ ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି । ମୟୂରଭଞ୍ଜ ଓ କେନ୍ଦୁଝରର କିଛି ଅଞ୍ଚଳରେ ବର୍ଷା ଜାରି ରହିଛି । ବେଠନଟୀରେ ମଧ୍ୟାହ୍ନ ପରେ ଜଳସ୍ତର କମିବା ଆଶା କରାଯାଉଛି ।

ବନ୍ୟା ମୁକାବିଲା ପାଇଁ ଓଡ୍ରାଫ ଓ ଏନ୍ ?ଡିଆରଏଫ ଟିମ୍ ?ଗୁଡ଼ିକୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି । ବାଲେଶ୍ୱରରେ ୮ଟି ଟିମ୍, ଯାଜପୁରରେ ୨ଟି ଓଡ୍ରାଫ ଓ ଗୋଟିଏ ଏନ୍ ?ଡିଆରଏଫ ଟିମ୍, ଭଦ୍ରକରେ ୨ଟି ଏବଂ କେନ୍ଦୁଝରରେ ଗୋଟିଏ ଟିମ୍ ମୁତୟନ ଥିବା ସୂଚନା ମିଳିଛି ।

## ଯୁବପିଢ଼ିଙ୍କୁ ସିଜେଆଇଙ୍କ ଆହ୍ୱାନ

# ଭବିଷ୍ୟତର ଦାୟିତ୍ୱ ନେବାକୁ ପ୍ରସ୍ତୁତ ରୁହ

ନୂଆଦିଲ୍ଲୀ : ସ୍ୱାଧୀନତା ଦିବସ ଅବସରରେ ଭାରତର ଯାତ୍ରା ଏବଂ ଭବିଷ୍ୟତ ଦାୟିତ୍ୱ ଉପରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ । ସେ କହିଛନ୍ତି, ସ୍ୱାଧୀନତା ପରଠାରୁ ୮ ଦଶନ୍ଧି ମଧ୍ୟରେ ଭାରତ ଅନେକ ବଡ଼ ବଡ଼ ଚ୍ୟାଲେଞ୍ଜର ଦୃଢ଼ତାର ସହ ମୁକାବିଲା କରିଛି । ତେବେ ଦେଶର ଆଗରେ ଏବେ ବି ଅନେକ କାମ ବାକି ରହିଛି ।



ସୁପ୍ରିମକୋର୍ଟ ପରିସରରେ ସ୍ୱାଧୀନତା ଦିବସ ଅବସରରେ ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଜାତୀୟ ପତାକା ଉତ୍ତୋଳନ ସମାରୋହରେ ଉଦ୍ ?ବୋଧନ ଦେଇ ସିଜେଆଇ ସୂର୍ଯ୍ୟକାନ୍ତ କହିଥିଲେ ଯେ, କୌଣସି ରାଷ୍ଟ୍ରର ଯାତ୍ରା କେବଳ ତାହାର ସଫଳତାରେ ଶେଷ ହୁଏ ନାହିଁ । ପ୍ରତ୍ୟେକ ସଫଳତା ସହ ନୂଆ ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ଯୋଡ଼ି ହୋଇଥାଏ । ସେ କହିଥିଲେ, 'ଏବେ ବି ଅନେକ କିଛି କରିବାକୁ ବାକି ଅଛି । ଆମର ଆଗାମୀ ଯାତ୍ରାରେ ଆହୁରି ଦୀର୍ଘ ପଥ ଅତିକ୍ରମ କରିବାକୁ ପଡ଼ିବ ।"

ସିଜେଆଇ ସୂର୍ଯ୍ୟକାନ୍ତ ଯୁବ ଆଇନ ସ୍ନାତକ ଓ ଆଇନଜୀବୀମାନଙ୍କୁ ଭବିଷ୍ୟତର ଦାୟିତ୍ୱ ଗ୍ରହଣ ପାଇଁ ଏବେଠାରୁ ପ୍ରସ୍ତୁତ ରହିବାକୁ କହିଛନ୍ତି । ଦେଶର ଆଗାମୀ ଯାତ୍ରାରେ ଯୁବପିଢ଼ିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଛନ୍ତି । ତାଙ୍କ ମତରେ, ଦେଶ ଯେତେ ଅଗ୍ରଗତି କରୁଛି, ସେତେ ନୂଆ ଦାୟିତ୍ୱ ମଧ୍ୟ ସୃଷ୍ଟି ହେଉଛି । ଏହି ଦାୟିତ୍ୱକୁ ଦୃଢ଼ତା, ସମ୍ବିଧାନ ପ୍ରତି ନିଷ୍ଠା ଏବଂ କର୍ତ୍ତବ୍ୟବୋଧ ସହ ପୂରଣ କରିବା ଆବଶ୍ୟକ । ସ୍ୱାଧୀନତା ପରେ ଭାରତର ଉପଲବ୍ଧିକୁ ସ୍ମରଣ କରି ଉଓ଼ିଓ କହିଛନ୍ତି ଯେ, ଦେଶର ଯାତ୍ରା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । ଆଗକୁ ଆହୁରି ଅନେକ ମାଇଲ୍ ?ଷ୍ଟୋନ୍ ଅତିକ୍ରମ କରିବାକୁ ରହିଛି । ଯୁବ ଆଇନଜୀବୀମାନେ ନ୍ୟାୟ ବ୍ୟବସ୍ଥା ଓ ଦେଶର ଭବିଷ୍ୟତ ଗଠନରେ ନିଜ ଭୂମିକା ପାଇଁ ପ୍ରସ୍ତୁତ ରହିବା ଦରକାର ବୋଲି ସେ ବାର୍ତ୍ତା ଦେଇଛନ୍ତି ।

ସିଜେଆଇ କହିଛନ୍ତି, ଯେ ଭାରତର ସ୍ୱାଧୀନତା ସଂଗ୍ରାମର ଆଇନ ସହିତ ଏକ ଗଭୀର ଏବଂ ସ୍ଥାୟୀ ସମ୍ପର୍କ ଥିଲା । ମହାତ୍ମା ଗାନ୍ଧୀ ଏବଂ ଡକ୍ଟର ବି.ଆର. ଆମ୍ବେଦକରଙ୍କ ସମେତ ଅନେକ ପ୍ରମୁଖ ନେତା, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ମୋତିଲାଲ ନେହେରୁ, ବାଲ ଗଙ୍ଗାଧର ତିଳକ ଏବଂ ଲାଲା ଲଜପତ ରାୟଙ୍କ ସମେତ ଅନେକ ନେତା ଓକିଲ ଥିଲେ । ସେ କହିଛନ୍ତି ଯେ ଏହା ସ୍ପଷ୍ଟ ଭାବରେ ଦର୍ଶାଏ ଯେ ଆଇନଗତ ବୃତ୍ତି କେବଳ ଭାରତର ସ୍ୱାଧୀନତା ସଂଗ୍ରାମର ଦର୍ଶକ ନୁହେଁ, ବରଂ ଏହାର ଏକ ଅବିଚ୍ଛେଦ୍ୟ ଅଂଶ ଥିଲା ।


## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଟାସ୍କ ଫୋର୍ସ ବୈଠକ

# ଆବଶ୍ୟକୀୟ ଭିତ୍ତିଭୂମି କାର୍ଯ୍ୟକୁ ସମୟସୀମା ମଧ୍ୟରେ ସାରିବାକୁ ନିର୍ଦ୍ଦେଶ




ଭୁବନେଶ୍ୱର : ରାଜ୍ୟର ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ମୌଳିକ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତା ସ୍ଥିତି ଓ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ଶିକ୍ଷା ବିଭାଗ ଦ୍ୱାରା ଗଠିତ ଟାସ୍କ ଫୋର୍ସ କମିଟି ବୈଠକ ଶୁକ୍ରବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରକଳ୍ପ କାର୍ଯ୍ୟକାରିତା ନେଇ ରହୁଥିବା ବହୁବିଧ ସମସ୍ୟାର ସମାଧାନ ଏବଂ ଆନୁସଙ୍ଗିକ କାର୍ଯ୍ୟ ସବୁକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ସଂପୃକ୍ତ ବିଭାଗ ଓ ସଂସ୍ଥାମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେବା ସହ ପ୍ରକଳ୍ପ କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରାଯିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରମୁଖ ଶିକ୍ଷା ସମ୍ପର୍କିତ ଭିତ୍ତିଭୂମି ଓ ରାଜପଥ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଏବଂ କାର୍ଯ୍ୟାନ୍ୱୟନ ସମୟରେ ଦେଖାଦେଉଥିବା ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଜମି ଅଧିଗ୍ରହଣ ପାଇଁ ଆବଶ୍ୟକୀୟ ଅନୁମୋଦନ, ବିଦ୍ୟୁତ୍ ସରବରାହ ଭିତ୍ତିଭୂମି ସୁବିଧା ଓ ଏଥିପାଇଁ ପ୍ରଶାସନିକ ମଂଜୁରୀକୁ ତ୍ୱରାନ୍ୱିତ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ସମ୍ପୃକ୍ତ ବିଭାଗ ସମେତ ଇଡ୍‌କୋ ଏବଂ ଜିଲ୍ଲା ପ୍ରଶାସନକୁ ସମନ୍ୱିତ ଓ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ । ବିଭାଗୀୟ ଶାସନ ସଚିବ, ଜିଲ୍ଲାପାଳ ଏବଂ ସଂପୃକ୍ତ ଶିକ୍ଷା ସଂସ୍ଥାର ମୁଖ୍ୟ ତଥା ପ୍ରତିନିଧିମାନଙ୍କ ସହ ପ୍ରକଳ୍ପୱାରୀ ଆଲୋଚନା କରିବା ସହ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ ନେଇ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି । ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ସମୟରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ଯଥା ପ୍ରକଳ୍ପ ସ୍ଥଳକୁ ବିଦ୍ୟୁତ୍ ଯୋଗାଣ, ରାସ୍ତା ସୁବିଧା, ଜଳ ଯୋଗାଣ, ବିଭିନ୍ନ ଅନୁମୋଦନ ଆଦିର ସୁବ୍ୟବସ୍ଥା କରି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାକୁ ସୁଗମ ଓ ତ୍ୱରାନ୍ୱିତ କରିବାକୁ ଟାସ୍କ ଫୋର୍ସ କମିଟି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ଶିକ୍ଷା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ. ଅରବିନ୍ଦ କୁମାର ପାଢୀଙ୍କ ସମେତ ପୂର୍ତ୍ତ, ଜଳ ସଂପଦ, ଶକ୍ତି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ, ଇଡକୋର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାର, ଶିକ୍ଷା ସଂସ୍ଥାର ମୁଖ୍ୟ ଏବଂ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ତଥା କାର୍ଯ୍ୟାନ୍ୱୟନ ସ୍ଥିତିରେ ଥିବା ଅନୁଗୋଳ, ଭଦ୍ରକ, କଟକ, ଯାଜପୁର, ଜଗତସିଂହପୁର, ଗଂଜାମ, ଗଜପତି, ଝାରସୁଗୁଡ଼ା, ରାୟଗଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, ନବରଙ୍ଗପୁର, କୋରାପୁଟ, କନ୍ଧମାଳ ଆଦି ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।


HAPPY
INDEPENDENCE DAY
15TH AUGUST
SUBAS CHANDRA HOTA
PUBLISHER & EDITOR,
DHAULI EXPRESS
BHUBANESHWAR

# ଦେଶର ବିକାଶରେ ସପ୍ତଧାରାକୁ ଗୁରୁତ୍ୱ ଦେଇଛନ୍ତି ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ୮୦ ତମ ସ୍ୱାଧୀନତା ଦିବସ ପାଳୁଛି ଭାରତ । ଲାଲକିଲ୍ଲାରୁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ମୋଦି ବଡ଼ ବାର୍ତ୍ତା ଦେଇଛନ୍ତି । ଦେଶର ବିକାଶରେ ସପ୍ତଧାରାକୁ ଗୁରୁତ୍ୱ ଦେଇଛନ୍ତି ପ୍ରଧାନମନ୍ତ୍ରୀ । ବିକାଶର ଶକ୍ତିର ସପ୍ତଧାରାକୁ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଛନ୍ତି ପିଏମ୍ ମୋଦି । ଗୁଣବତ୍ତା ସହ କୌଣସି ସାଲିସ୍ କରାଯିବ ନାହିଁ । ପ୍ରତିରକ୍ଷା କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା । ଯୁବଶକ୍ତିକୁ ରାଷ୍ଟ୍ର ନିର୍ମାଣରେ ଲଗାଇବାକୁ ହେବ ବୋଲି କହିଛନ୍ତି । ସେ ଯୁବପିଢ଼ିଙ୍କୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବା ଏବଂ ଦେଶର ବିକାଶରେ ଯୋଗଦାନ ଦେବାକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି ।

ଐତିହାସିକ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ କହିଛନ୍ତି, ଏବେ ଅଟକିବାର ସମୟ ନୁହେଁ । ଆମକୁ ଆମ ଚିନ୍ତାଧାରା, କାର୍ଯ୍ୟଶୈଳୀ ଏବଂ କାମର ଗତିରେ ପରିବର୍ତ୍ତନ କରିବାକୁ ପଡିବ। ଆମକୁ ଗତ ପାଞ୍ଚରୁ ସାତ ଦଶନ୍ଧି ମଧ୍ୟରେ ସାରିନଥିବା କାର୍ଯ୍ୟକୁ ଆଗାମୀ ୫ରୁ ୭ ଦିନ ମଧ୍ୟରେ ସାରିବାକୁ ପଡ଼ିବ । ଉତ୍ପାଦନ କ୍ଷେତ୍ରକୁ ସୁଦୃଢ଼ ??କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଭାରତକୁ ଛୋଟ ଉପାଦାନଠାରୁ ଆରମ୍ଭ କରି ବଡ଼ ଏବଂ ଜଟିଳ ଉତ୍ପାଦ ପର୍ଯ୍ୟନ୍ତ ସବୁକିଛି ଉତ୍ପାଦନ କରିବାକୁ ପଡିବ। ଡିଜାଇନ୍ ଠାରୁ ଉତ୍ପାଦନ ପର୍ଯ୍ୟନ୍ତ ସମଗ୍ର ମୂଲ୍ୟ ଶୃଙ୍ଖଳା ଭାରତରେ ନିର୍ମାଣ କରାଯିବା ଉଚିତ । ଲାଲକିଲ୍ଲାର ପ୍ରାଚୀରରୁ, ମୁଁ ଦେଶରେ ଶକ୍ତିର ସପ୍ତଧାରାକୁ ଆହ୍ୱାନ କରୁଛି । ପାଞ୍ଚ ଦଶନ୍ଧିରେ ଯାହା ହୋଇପାରିନଥିଲା, ଆମେ ୫-୭ ବର୍ଷରେ ତାହା କରିବା ପାଇଁ ନୂଆ ଶକ୍ତି ଦେବୁ । ଏଥିରେ ଯୁବଶକ୍ତିର ଶକ୍ତି ମଧ୍ୟ ଯୋଡାଯିବ।' ଆସନ୍ତୁ ଜାଣିବା ସପ୍ତଧାରା ଶକ୍ତି କ'ଣ ?




୧. ଉତ୍ପାଦନ ଶକ୍ତି- ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ବିଶ୍ୱ ମାନଦଣ୍ଡ ପୂରଣ କରିବାକୁ ହେଲେ, ମୂଲ୍ୟ, ଗୁଣବତ୍ତା ଏବଂ ପରିମାଣ ଦୃଷ୍ଟିରୁ ଅତ୍ୟନ୍ତ ପ୍ରତିଯୋଗିତାମୂଳକ ହେବାକୁ ପଡିବ। ଆମକୁ ଉତ୍ପାଦନ ବୃଦ୍ଧି କରିବାକୁ ପଡିବ। ଉତ୍ପାଦନ ସହିତ, ଆମକୁ ଛୋଟ ଅଂଶ ଏବଂ ବଡ଼ ଉତ୍ପାଦ ମଧ୍ୟ ପ୍ରସ୍ତୁତ କରିବାକୁ ପଡିବ। ସମଗ୍ର ମୂଲ୍ୟ ଶୃଙ୍ଖଳ ଉପରେ ଆମର ନିୟନ୍ତ୍ରଣ ରହିବା ଆବଶ୍ୟକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି ।

୨. କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ- ବିଶ୍ୱ ବଜାର ଆମ ଚାଷୀଙ୍କ ପାଇଁ ଖୋଲିଛି। ଆମକୁ ରଞ୍ଜଇ ମାଧ୍ୟମରେ ବିଶ୍ୱ ବଜାରରେ ପ୍ରବେଶ କରିବାକୁ ପଡିବ। ଆମର ଉତ୍ପାଦଗୁଡ଼ିକ ବିଶ୍ୱ ବ୍ରାଣ୍ଡ ହେବା ଉଚିତ। ଆମର ଚାଷୀମାନେ ରାସାୟନିକ ମୁକ୍ତ କୃଷିକୁ ପ୍ରୋତ୍ସାହିତ କରିବେ, ଏବଂ ଏହାର ବିଶ୍ୱ ଚାହିଦା ବୃଦ୍ଧି ପାଇବ। ଆମର ଖାଦ୍ୟ, ବାଜରା ଏବଂ ମସଲା ବିଶ୍ୱବ୍ୟାପୀ ଚାହିଦାରେ ରହିବା ଉଚିତ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ।

୩. ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ- ପ୍ରଧାନମନ୍ତ୍ରୀ ମୋଦୀ ଡିଜିଟାଲ ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆଜି ଏଆଇ, କ୍ୱାଣ୍ଟମ୍, ସ୍ପେସ୍ ଏବଂ ଡାଟା ସେଣ୍ଟରର ଯୁଗ। ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଆମକୁ ପ୍ରତ୍ୟେକ ମୁହୂର୍ତ୍ତରେ ଚ୍ୟାଲେଞ୍ଜ କରୁଛି। ତେଣୁ, ଦେଶକୁ ନବସୃଜନର କେନ୍ଦ୍ର ହେବାକୁ ପଡିବ। ଭାରତ ଏବେ ଡିଜିଟାଲ୍ ପବ୍ଲିକ୍ ପ୍ରଯୁକ୍ତିବିଦ୍ୟା ପାଇଁ ଜଣାଶୁଣା। ଭାରତକୁ ପରବର୍ତ୍ତୀ ପିଢ଼ିର ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାରେ ନେତୃତ୍ୱ ନେବାକୁ ପଡିବ ବୋଲି କହିଛନ୍ତି ପିଏମ୍ ମୋଦି ।

୪. ଗତି-ଶକ୍ତି- ଦେଶର ଚତୁର୍ଥ ସପ୍ତଧାରା ଶକ୍ତି ଗତିଶକ୍ତି ବାବଦରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆମକୁ ସହରଗୁଡ଼ିକୁ ହାଇ-ସ୍ପିଡ୍ ଟ୍ରେନ ସହିତ ସଂଯୋଗ କରିବାକୁ ପଡିବ। ଏହି ଗତି ଶକ୍ତି ପାଇଁ ସାରା ଦେଶରେ ସୁଗମ ସଂଯୋଗ ଆବଶ୍ୟକ। ଆମକୁ ଆଧୁନିକ ରାସ୍ତା ଏବଂ ମଲ୍ଟିମୋଡାଲ୍ ସଂଯୋଗ ଆବଶ୍ୟକ। ବନ୍ଦରଗୁଡ଼ିକୁ ବିକାଶ ଏବଂ ଅଭିବୃଦ୍ଧି ଦିଗରେ ପ୍ରୋତ୍ସାହିତ କରାଯିବା ଉଚିତ। ଆମକୁ ବିମାନବନ୍ଦର ଏବଂ ବନ୍ଦର ଆବଶ୍ୟକ।'

୫. ପ୍ରତିରକ୍ଷା ଶକ୍ତି- ପ୍ରଧାନମନ୍ତ୍ରୀ ମୋଦି ଡ୍ରୋନ୍ ଏବଂ ସୁପରସୋନିକ୍ ପ୍ରଯୁକ୍ତିବିଦ୍ୟା ଭଳି ପରବର୍ତ୍ତୀ ପିଢ଼ିର ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ ଦେବା ବିଷୟରେ ମଧ୍ୟ କହିଛନ୍ତି । ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଆଜି, ଭାରତ ବିଶ୍ୱ ପାଇଁ ଏକ ବଜାର ହୋଇ ରହିପାରିବ ନାହିଁ, ଏବଂ ଆମକୁ ପ୍ରତିରକ୍ଷା ଉତ୍ପାଦନରେ ନିଜକୁ ମଜବୁତ କରିବାକୁ ପଡିବ।

୬. ଗ୍ରୀନ୍ ଏବଂ ବ୍ଲୁ ଇକୋନୋମି- ଆମକୁ ସବୁଜ ଶକ୍ତି କ୍ଷେତ୍ରରେ ଆଗକୁ ବଢ଼ିବାକୁ ପଡିବ। ଯେତେବେଳେ ବିଶ୍ୱ ଯେବେ ଗ୍ଲୋବାଓ୍ୱ ଓ୍ୱାର୍ମିଂ ବିଷୟରେ ଆଲୋଚନା କରେ, ଆମେ ଏହି ଦିଗରେ ଆଗକୁ ବଢ଼ିବା । ଭାରତ ସବୁଜ ଆନ୍ଦୋଳନର ଏକ ବାହନ ପାଲଟିଛି। ଆମର ଉପକୂଳ ବହୁତ ସୁଦୃଢ଼ । ଆମେ ଏଥିରେ ଆଗକୁ ବଢ଼ିପାରିବା। ଏପରି ଅନେକ କ୍ଷେତ୍ର ଅଛି ଯେଉଁଥିରେ ଆମେ ଆଗକୁ ବଢ଼ିପାରିବା ବୋଲି କହିଛନ୍ତି ପିଏମ୍ ମୋଦି ।

୭. ସଫ୍ଟ ପାଓ୍ୱାର ଉପରେ ଧ୍ୟାନ ଦେବା- ଆଜି, ଯୋଗ ବିଶ୍ୱକୁ ଭାରତ ସହିତ ଯୋଡ଼ିଛି । ଭାରତରେ ଆୟୁର୍ବେଦ ଅଛି, ବିଶ୍ୱାସର କେନ୍ଦ୍ର ଅଛି । ଆମର ଫିଲ୍ମ, ହସ୍ତତନ୍ତ, ଗେମିଂ, ଠରଢ, ଡିଜିଟାଲ ବିଷୟବସ୍ତୁ ଅଛି । ଭାରତକୁ ସୃଜନଶୀଳ ଦୁନିଆରେ ସ୍ୱୀକୃତି ଦିଆଯାଉଛି । ଆମର କାମ ହେଉଛି ଏହି କ୍ଷେତ୍ରରେ ଆଗକୁ ବଢ଼ିବା ଏବଂ ସମଗ୍ର ବିଶ୍ୱକୁ ଆକର୍ଷିତ କରିବା । ପ୍ରଧାନମନ୍ତ୍ରୀ ମୋଦି ଯୋଗ, ଆୟୁର୍ବେଦ, ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ, ସୃଜନଶୀଳ ସମ୍ବଳ ଏବଂ ପର୍ଯ୍ୟଟନକୁ ସ୍ୱୀକୃତି ଦେବା ବିଷୟରେ ମଧ୍ୟ କହିଛନ୍ତି ।

## ରାଜ୍ୟରେ କାର୍ଯ୍ୟକ୍ଷମ ହେବ ଆଉ ୩ ଡପଲର ରାଡାର

ଭୁବନେଶ୍ୱର : ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପାଣିପାଗ ସୂଚନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସରକାର ବଡ଼ ପଦକ୍ଷେପ ନେଉଛନ୍ତି । ଓଡ଼ିଶାରେ ବର୍ତ୍ତମାନ ଦୁଇଟି ଡପଲର୍ ରାଡାର କାର୍ଯ୍ୟ କରୁଥିବା ବେଳେ ଆଗାମୀ ଦିନରେ ଆଉ ୩ଟି ନୂତନ ଡପଲର୍ ରାଡାର କାର୍ଯ୍ୟକ୍ଷମ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ପାଣିପାଗର ପୂର୍ବାନୁମାନ କରିବା ପ୍ରକ୍ରିୟା ପୂର୍ବାପେକ୍ଷା ଅଧିକ ସହଜ ଓ ନିଖୁଣ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି ।



ବର୍ତ୍ତମାନ ସୁଦ୍ଧା ବାଲେଶ୍ୱରରେ ଏକ ଡପଲର୍ ରାଡାର ପ୍ରତିଷ୍ଠା କାର୍ଯ୍ୟ ଜାରି ରହିଛି । ଯାହା ଆଗାମୀ କିଛି ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ । ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏକ ଡପଲର୍ ରାଡାରର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ପୁରୀ ଠାରେ ମଧ୍ୟ ଏକ ନୂଆ ଡପଲର୍ ରାଡାର ନିର୍ମାଣ ପାଇଁ ଯୋଜନା ରହିଛି । ଏହି ଅତ୍ୟାଧୁନିକ ବ୍ୟବସ୍ଥା ଦ୍ୱାରା ପାଣିପାଗର ପୂର୍ବାନୁମାନ କରିବା ପ୍ରକ୍ରିୟା ପୂର୍ବାପେକ୍ଷା ଅଧିକ ସହଜ ଓ ନିଖୁଣ ହୋଇପାରିବ । ଡପଲର୍ ରାଡାର ସଂଖ୍ୟା ବୃଦ୍ଧି ହେଲେ ବିଶେଷ କରି ବାତ୍ୟା ଓ ପ୍ରବଳ ବର୍ଷା ସମୟରେ ସଠିକ୍ ସୂଚନା ମିଳିପାରିବ ।

## ବିପଦ ସଂକେତ ଟପିଲା ସୁବର୍ଣ୍ଣରେଖା, ପୁଣି ବନ୍ୟା ଭୟ !



ସୋନ : ବିପଦ ସଂକେତ ଟପିଲା ସୁବର୍ଣ୍ଣରେଖା । ରାଜଘାଟ ଠାରେ ବିପଦ ସଂକେତ ୧୦. ୩୬ ମିଟର ଥିଲା ବେଳେ ଦିନ ଗୋଟାଏ ବେଳକୁ ଜଳସ୍ତର ୧୦. ୩୯ମିଟର ଉପରେ ପ୍ରବାହିତ ହେଉଛି ବନ୍ୟା ପାଣି । ବର୍ତ୍ତମାନ ସମୟରେ ତଳିଆ ଅଂଚଳ ବାଲିଆପାଳ ବ୍ଲକ ଚୌଧୁରୀକୁଦ ଚଟଣାରେ ୨ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଛି । ସେପଟେ ଏବେବି ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ପାଣି । ମାଥାନି ଠାରେ ବିପଦ ସଂକେତ ୬. ୫୦ମିଟର ଥିଲା ବେଳେ ସକାଳ୬ଟା ସୁଦ୍ଧା ଜଳସ୍ତର ୬. ୯୮ ମିଟରରେ ପ୍ରବାହିତ ହେଉଛି ।

ଜଳକା ନଦୀର ଦ୍ୱିତୀୟ ବନ୍ୟା ଆସିବାରୁ ବସ୍ତା ବ୍ଲକର ୧୦ଟି ପଂଚାୟତ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି । ୩୦ରୁ ଅଧିକ ଗାଁ ଏବେବି ବାହ୍ୟ ଜଗତରୁବିଛିନ୍ନ ହୋଇ ରହିଛି । ଅନେକ ଘରେ ପାଣି ପଶିଛି, ଅନେକ ଘରର କାନ୍ଥ ଭାଙ୍ଗିଛି । ହଜାର ହଜାର ହେକ୍ଟର ଚାଷ ଜମିରେ ପାଣିର ଲହଡି ମାରୁଛି । ଆଗକୁ ପୁଣି ଏକ ଲଘୁଚାପ ଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଯଦି ବର୍ଷାର ପରିମାଣ ଏପରି ଭାବରେ ବଢ଼ିଚାଲେ ତେବେ ଓଡ଼ିଶାରେ ମଧ୍ୟ ସ୍ଥିତି ସଙ୍ଗୀନ ହେବା ଆଶଙ୍କା କରାଯାଉଛି । ବନ୍ୟା ଭଳି ସ୍ଥିତି ଉପୁଜିବାର ଭୟ ରହୁଛି ।

### ବ୍ରିଟିଶ କାଳୀନ ପରମ୍ପରାର ଅନ୍ତ

# ସ୍ୱଦେଶୀ ୧୦୫ ଏମ.ଏମ. ଲାଇଟ୍ ଫିଲ୍ଡ ଗନ୍‌ରୁ ୨୧ ତୋପର ସ୍ୱାଧୀନତା ଦିବସ ସଲାମୀ



ନୂଆଦିଲ୍ଲୀ : ସ୍ୱଦେଶୀ ୧୦୫ ଏମ.ଏମ. ଲାଇଟ୍ ଫିଲ୍ଡ ଗନ୍ ?ରୁ ପ୍ରଥମଥର ପାଇଁ ୨୧ ତୋପର ଐତିହାସିକ ସଲାମୀ । ଦେଶର ୮୦ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଥମଥର ପାଇଁ ବ୍ରିଟିଶ କାଳୀନ ୨୫-ପାଉଣ୍ଡର ତୋପ ବଦଳରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ୧୦୫ ଏମ.ଏମ. ଲାଇଟ୍ ଫିଲ୍ଡ ଗନ୍ (ଖରଏ) ଜରିଆରେ ୨୧ ତୋପର ସମ୍ମାନଜନକ ଅଭିବାଦନ ଦିଆଯାଇଛି । ଜାତୀୟ ଗାନର ସ୍ୱର ସହିତ ମାତ୍ର ୫୨ ସେକେଣ୍ଡ ମଧ୍ୟରେ ୮ଟି ସ୍ୱଦେଶୀ ତୋପକୁ ନେଇ ଗଠିତ ସ୍ୱତନ୍ତ୍ର ସେରେମୋନିଆଲ୍ ବ୍ୟାଟେରୀ ସଠିକ୍ ଭାବେ ୨୧ଟି ଗୋଳା ଦାଗି ଏହି ଗୌରବମୟ ପରମ୍ପରାକୁ ସମ୍ପାଦନ କରିଛି ।

ଏହି ସ୍ୱଦେଶୀ ତୋପଗୁଡ଼ିକ କେବଳ ସାମରିକ ପ୍ରଦର୍ଶନରେ ନୁହେଁ, ବରଂ ପ୍ରକୃତ ଯୁଦ୍ଧକ୍ଷେତ୍ରରେ ମଧ୍ୟ ନିଜର ଶକ୍ତି ପ୍ରମାଣିତ କରିସାରିଛନ୍ତି । ୨୦୨୫ ମେ' ମାସରେ ଅନୁଷ୍ଠିତ 'ଅପରେସନ୍ ସିନ୍ଦୂର' ସମୟରେ ଏହି ତୋପଗୁଡ଼ିକ ପାକିସ୍ତାନ ଓ ପିଓକେ ସ୍ଥିତ ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିବାରେ ଅତ୍ୟନ୍ତ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଥିଲେ । ସୂଚନାଯୋଗ୍ୟ ଯେ, ସେହି ବର୍ଷ ଏପ୍ରିଲ ୨୨ ତାରିଖରେ ଜମ୍ମୁ-କାଶ୍ମୀରର ପହଲଗାମଠାରେ ଘଟିଥିବା ଭୟାନକ ଆତଙ୍କବାଦୀ ଆକ୍ରମଣର ଜବାବ ଦେବା ପାଇଁ ଭାରତୀୟ ସେନା ଏହି ୪ ଦିନିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ଏହି ସଫଳତା ପରେ ସ୍ୱାଧୀନତା ଦିବସରେ ଏହି ତୋପଗୁଡ଼ିକର ବ୍ୟବହାର ଦେଶର ବର୍ଦ୍ଧିତ ସାମରିକ ଆତ୍ମନିର୍ଭରଶୀଳତାର ଜ୍ୱଳନ୍ତ ପ୍ରମାଣ ଦେଇଛି ।

ଅର୍ଡନାନ୍ସ ଫ୍ୟାକ୍ଟ୍ରି ବୋର୍ଡ ଦ୍ୱାରା ୧୯୮୨ ମସିହାରେ ବିକଶିତ ଏହା ହେଉଛି ଭାରତର ପ୍ରଥମ ସ୍ୱଦେଶୀ ତୋପ, ଯାହାର ବିଭିନ୍ନ ସଂସ୍କରଣ ବର୍ତ୍ତମାନ ଭାରତୀୟ ସୀମାରେ ସୁରକ୍ଷା ନିମନ୍ତେ ମୁତୟନ ଅଛନ୍ତି । ପୁରୁଣା ଭାରତୀୟ ଫିଲ୍ଡ ଗନ୍ ?ର ଅପଗ୍ରେଡ୍ ସଂସ୍କରଣ ହୋଇଥିବାରୁ ଏହା ପୁରୁଣା ତୋପଠାରୁ ପ୍ରାୟ ୧୦୦୦ କେଜି ହାଲୁକା । ଫଳରେ ଏହାକୁ ଦୁର୍ଗମ ସ୍ଥାନ ଓ ସୀମାନ୍ତରେ ସହଜରେ ପରିବହନ କରାଯାଇପାରିବ । ଏହି ତୋପର ରେଞ୍ଜ ୧୭.୨ କିଲୋମିଟର ଏବଂ ଏହା ପ୍ରତି ମିନିଟ୍ରେ ୬ଟି ରାଉଣ୍ଡ ପର୍ଯ୍ୟନ୍ତ ଗୋଳା ଫାୟାର କରିବାର କ୍ଷମତା ରଖିଛି । ଜାତୀୟ ଗୁରୁତ୍ୱପୂର୍ଣ୍ଣ ଏହି ଅବସରରେ ତୋପ ସଞ୍ଚାଳନ ଅତ୍ୟନ୍ତ ସୂକ୍ଷ୍ମତା ଏବଂ ଦାୟିତ୍ୱର ସହ କରାଯାଇଥିଲା, ଯାହା ଭାରତୀୟ ସେନାର ଅନୁଶାସନ ଏବଂ ପ୍ରଯୁକ୍ତିଗତ ସଶକ୍ତିକରଣର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି ।

### ମାଗଣା ଅନଲାଇନ୍ କୋଚିଂ ଘୋଷଣା କଲେ ପ୍ରଧାନମନ୍ତ୍ରୀ ମୋଦୀ

# ଛାତ୍ରଛାତ୍ରୀଙ୍କୁ ସ୍ୱାଗତ, ଚିନ୍ତାରେ କୋଚିଂ ସଂସ୍ଥା

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲକିଲ୍ଲାର ପ୍ରାଚୀରରୁ ଘୋଷଣା କରିଛନ୍ତି ଯେ ସରକାର ଡିଜିଟାଲ ଭିତ୍ତିଭୂମି ଏବଂ ଦକ୍ଷ ଶିକ୍ଷକମାନଙ୍କୁ ବ୍ୟବହାର କରି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ମାଗଣା ଅନଲାଇନ୍ କୋଚିଂ ଯୋଗାଇବେ। ଏହି ଘୋଷଣା ଘରୋଇ ଅନଲାଇନ୍ କୋଚିଂ ଶିଳ୍ପର ଭବିଷ୍ୟତ ଉପରେ ପ୍ରଶ୍ନ ଉଠାଇଛି। ବର୍ତ୍ତମାନ ଏହି ଅନଲାଇନ୍ ପାଠ୍ୟକ୍ରମ ପାଇଁ ଅଧିକ ଫି ଦେଉଥିବା ଛାତ୍ରଛାତ୍ରୀମାନେ କ'ଣ ସରକାରଙ୍କ ମାଗଣା ଯୋଜନାକୁ ସ୍ଥାନାନ୍ତରିତ ହେବେ ?

ଆଲାଏଡ୍ ମାର୍କେଟ୍ ରିସର୍ଚ୍ଚର ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ୨୦୨୩ ମସିହାରେ ଭାରତର ଅନଲାଇନ୍ କୋଚିଂ ବଜାର ପ୍ରାୟ ୧,୯୦୦ କୋଟି ଟଙ୍କାର ଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ସଂଖ୍ୟା ୨୦୩୪ ସୁଦ୍ଧା ୮,୧୦୦ କୋଟିରେ ପହଞ୍ଚିପାରେ। ଏହା ସୂଚିତ କରେ ଯେ ଭାରତର ଅନଲାଇନ୍ କୋଚିଂ ବଜାର ମାତ୍ର ୧୧ ବର୍ଷ ମଧ୍ୟରେ ଚାରିଗୁଣରୁ ଅଧିକ ବୃଦ୍ଧି ପାଇପାରେ।

ଯଦି ଆମେ କେବଳ ଘରୋଇ କୋଚିଂ ଶିଳ୍ପ ଉପରେ ଧ୍ୟାନ ଦେବା, ତେବେ ଆହୁରି ଆକର୍ଷଣୀୟ ସଂଖ୍ୟା ସାମ୍ନାକୁ ଆସିବ। MoSPIର 'ବ୍ୟାପକ ମଡ୍ୟୁଲାର ସର୍ଭେ: ଶିକ୍ଷା ୨୦୨୫ (Comprehensive Modular Survey: Education ୨୦୨୫ )' ଅନୁଯାୟୀ, ଭାରତରେ ୨୭ ପ୍ରତିଶତ ଛାତ୍ରଛାତ୍ରୀ ବର୍ତ୍ତମାନ ଘରୋଇ କୋଚିଂ ନେଉଛନ୍ତି କିମ୍ବା ପୂର୍ବରୁ ଗ୍ରହଣ କରିସାରିଛନ୍ତି। ଗ୍ରାମାଞ୍ଚଳରେ ଏହି ସଂଖ୍ୟା ୨୫.୫ ପ୍ରତିଶତ ଥିବାବେଳେ ସହରାଞ୍ଚଳରେ ଏହା ୩୦.୭ ପ୍ରତିଶତ ରହିଛି।

ସରକାରୀ ତଥ୍ୟ ମଧ୍ୟ ସୂଚାଇଥାଏ ଯେ ବିଭିନ୍ନ ଶିକ୍ଷା ସ୍ତରରେ କୋଚିଂର ଆବଶ୍ୟକତା ଭିନ୍ନ ଭିନ୍ନ। ପରିସଂଖ୍ୟାନ ଦର୍ଶାଏ ଯେ ମାଧ୍ୟମିକ ବିଦ୍ୟାଳୟର ୩୭.୮ ପ୍ରତିଶତ ଛାତ୍ରଛାତ୍ରୀ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୭ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ କୋଚିଂ ନେଉଛନ୍ତି। ମଧ୍ୟମା ବିଦ୍ୟାଳୟ ପାଇଁ ଏହି ସଂଖ୍ୟା ୨୯.୬ ପ୍ରତିଶତ ଥିବା ବେଳେ ପ୍ରାଥମିକ ବିଦ୍ୟାଳୟ ପାଇଁ ଏହା ୨୨.୯ ପ୍ରତିଶତ, ଏବଂ ପ୍ରାକ୍-ପ୍ରାଥମିକ ପାଇଁ ଏହା ୧୧.୬ ପ୍ରତିଶତ ରହିଛି।



କ ବ୍ୟାପକ ମଡ୍ୟୁଲାର ସର୍ଭେ ଅନୁଯାୟୀ, ପ୍ରତି ଛାତ୍ର ପାଇଁ ଘରୋଇ କୋଚିଂରେ ହାରାହାରି ବାର୍ଷିକ ଖର୍ଚ୍ଚ ୨୪୦୯ ଟଙ୍କା ରହିଛି। ଏହାକୁ ଲିଙ୍ଗ ଅନୁସାରେ ବିଭାଜନ କଲେ, ପୁରୁଷ ଛାତ୍ରଙ୍କ ପାଇଁ ୨୫୭୨ ଟଙ୍କା ଏବଂ ମହିଳା ଛାତ୍ରୀଙ୍କ ପାଇଁ ୨୨୨୭ ଟଙ୍କା ଖର୍ଚ୍ଚ ହୁଏ। ଗ୍ରାମୀଣ ଏବଂ ସହରାଞ୍ଚଳ ତୁଳନା କଲେ ଏକ ସ୍ପଷ୍ଟ ଧାରା ଦେଖାଯାଏ: ଗ୍ରାମୀଣ ଭାରତରେ ପ୍ରତି ଛାତ୍ର ପାଇଁ ଘରୋଇ କୋଚିଂରେ ହାରାହାରି ବାର୍ଷିକ ଖର୍ଚ୍ଚ ୧୭୯୩ ଟଙ୍କା ହୋଇଥିବା ବେଳେ ସହରାଞ୍ଚଳରେ ଏହି ସଂଖ୍ୟା ୩,୯୮୮ କୁ ବୃଦ୍ଧି ପାଏ।

ଏହି ସର୍ବେକ୍ଷଣରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ଯେଉଁ ଛାତ୍ରମାନେ ବ୍ୟକ୍ତିଗତ କୋଚିଂ ପାଇଁ ଯାଆନ୍ତି, ସେମାନଙ୍କର ସମ୍ପୂର୍ଣ୍ଣ ଶିକ୍ଷା ଖର୍ଚ୍ଚ ସେମାନଙ୍କ ପରିବାରର ଅନ୍ୟ ସଦସ୍ୟ ବହନ କରନ୍ତି। ୯୫ ପ୍ରତିଶତ ଛାତ୍ର କହିଛନ୍ତି ଯେ ସେମାନଙ୍କ ଶିକ୍ଷାର ଖର୍ଚ୍ଚ ପରିବାରର ଅନ୍ୟ ସଦସ୍ୟ ବହନ କରୁଛନ୍ତି। ଗ୍ରାମାଞ୍ଚଳରେ ଏହି ସଂଖ୍ୟା ପୁରୁଷ ଛାତ୍ରମାନଙ୍କ କ୍ଷେତ୍ରରେ ୯୧.୦୧ ପ୍ରତିଶତ ଏବଂ ମହିଳା ଛାତ୍ରମାନଙ୍କ କ୍ଷେତ୍ରରେ ୯୦.୮ ପ୍ରତିଶତ ରେକର୍ଡ କରାଯାଇଛି। ସହରାଞ୍ଚଳରେ ଏହି ସଂଖ୍ୟା ପୁରୁଷ ଛାତ୍ରମାନଙ୍କ କ୍ଷେତ୍ରରେ ୯୩.୧ ପ୍ରତିଶତ ଏବଂ ମହିଳା ଛାତ୍ରମାନଙ୍କ କ୍ଷେତ୍ରରେ ୯୧.୪ ପ୍ରତିଶତ ରହିଛି।

ଗତ କିଛି ବର୍ଷ ମଧ୍ୟରେ ଭାରତରେ ଅନଲାଇନ୍ କୋଚିଂ ବଜାର ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଅନେକ କମ୍ପାନୀ ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ୟାକେଜ୍ ପ୍ରଚଳନ କରିଛନ୍ତି। ତଥାପି, ଅନଲାଇନ୍ କୋଚିଂର ସଫଳତା ମୋବାଇଲ୍ ଫୋନ୍ ଉପରେ ବହୁତ ନିର୍ଭର କରେ। ଶିକ୍ଷାର ବାର୍ଷିକ ସ୍ଥିତି ରିପୋର୍ଟ (ଇଝରଜ) ୨୦୨୪ ଅନୁଯାୟୀ, ଭାରତରେ ୧୪ ରୁ ୧୬ ବର୍ଷ ବୟସର ୮୨ ପ୍ରତିଶତ ପିଲା ସ୍ମାର୍ଟଫୋନ୍ ବ୍ୟବହାର କିପରି କରିବେ ତାହା ଜାଣନ୍ତି। ତଥାପି, ଏହି ଛାତ୍ରମାନଙ୍କ ମଧ୍ୟରୁ କେବଳ ୫୭ ପ୍ରତିଶତ ଶିକ୍ଷା ଉଦ୍ଦେଶ୍ୟରେ ସେମାନଙ୍କର ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ବେଳେ ୭୬ ପ୍ରତିଶତ ସୋସିଆଲ ମିଡିଆ ପାଇଁ ବ୍ୟବହାର କରନ୍ତି। ସର୍ଭେରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ ଦେଶର ୨୬.୯ ପ୍ରତିଶତ ଝିଅଙ୍କ ପାଖରେ ସ୍ମାର୍ଟଫୋନ୍ ଥିବା ବେଳେ ୩୬.୨ ପ୍ରତିଶତ ପୁଅଙ୍କ ପାଖରେ ସ୍ମାର୍ଟଫୋନ ଅଛି।

ଇଣ୍ଟରନେଟ୍ ସେବା ସୁଦୃଢ଼ ? ?ହେଲେ ଭାରତରେ ଅନଲାଇନ୍ କୋଚିଂ ପାଇଁ ପରିବେଶ ପ୍ରକୃତରେ ଅନୁକୂଳ ହେବ। 'ଟେଲିକମ୍ ଉପରେ ବ୍ୟାପକ ମଡ୍ୟୁଲାର୍ ସର୍ଭେ'ର ଏକ ବିସ୍ତୃତ ୨୦୨୫ ରିପୋର୍ଟ ସୂଚିତ କରେ ଯେ ଭାରତରେ ଇଣ୍ଟରନେଟ୍ ସୁବିଧା ନିଶ୍ଚିତ ଭାବରେ ବିସ୍ତାରିତ ହୋଇଥିଲେ ମଧ୍ୟ, ଏକ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ-ଗ୍ରାମାଞ୍ଚଳ ପାର୍ଥକ୍ୟ ଜାରି ରହିଛି। ଗ୍ରାମାଞ୍ଚଳର ୮୩.୩% ପରିବାରରେ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ଥିବା ବେଳେ ସହରାଞ୍ଚଳରେ ଏହି ସଂଖ୍ୟା ୯୧.୬% ରହିଛି। ଅନ୍ୟ ଶବ୍ଦରେ, ସହରାଞ୍ଚଳରେ ପ୍ରତି ୧୨ ପରିବାର ମଧ୍ୟରୁ ଗୋଟିଏରେ ଏବେ ବି ଇଣ୍ଟରନେଟ୍ ସଂଯୋଗ ନାହିଁ।

ଇଣ୍ଟରନେଟ୍ ଗତି ସମ୍ପର୍କିତ ତଥ୍ୟ ମଧ୍ୟ ଏକ ଚିନ୍ତାଜନକ ଚିତ୍ର ଉପସ୍ଥାପନ କରେ। ବର୍ତ୍ତମାନ, କେବଳ ୩.୮ ପ୍ରତିଶତ ପରିବାର ଅପ୍ଟିକାଲ୍ ଫାଇବର ମାଧ୍ୟମରେ ଇଣ୍ଟରନେଟ୍ ବ୍ୟବହାର କରିପାରୁଥିବା ବେଳେ ସହରାଞ୍ଚଳରେ ଏହି ସଂଖ୍ୟା ୧୫.୩ ପ୍ରତିଶତ। ୱାଇ-ଫାଇ ନେଟୱାର୍କ ବିଷୟରେ, ଗ୍ରାମାଞ୍ଚଳରେ ଏହି ସଂଖ୍ୟା ୯.୧ ପ୍ରତିଶତ ଥିବା ବେଳେ ସହରାଞ୍ଚଳରେ ଏହା ୨୪ ପ୍ରତିଶତ ରହିଛି। ତଥାପି, ମୋବାଇଲ୍ ନେଟୱାର୍କ କ୍ଷେତ୍ରରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ପରିସ୍ଥିତି ସମାନ ଦେଖାଯାଏ। ମୋବାଇଲ୍ ନେଟୱାର୍କ ମାଧ୍ୟମରେ ଇଣ୍ଟରନେଟ୍ ବ୍ୟବହାର ଗ୍ରାମାଞ୍ଚଳରେ ୯୮.୮ ପ୍ରତିଶତ ଏବଂ ସହରାଞ୍ଚଳରେ ୯୮.୯ ପ୍ରତିଶତ ପରିବାର ପାଖରେ ପହଞ୍ଚେ।

ସଚେତନତା ଅଭାବରୁ ଅନେକ ଲୋକ ଇଣ୍ଟରନେଟ୍ ବ୍ୟବହାରରୁ ବଞ୍ଚିତ ଅଛନ୍ତି। ଗ୍ରାମାଞ୍ଚଳରେ, ଡିଜିଟାଲ୍ ଜ୍ଞାନ ଅଭାବରୁ ୪୯ ପ୍ରତିଶତ ପରିବାର ଇଣ୍ଟରନେଟ୍ ବ୍ୟବହାର କରିପାରୁ ନଥିବା ବେଳେ ସହରାଞ୍ଚଳରେ ଏହି ସଂଖ୍ୟା ୪୨.୭ ପ୍ରତିଶତ ଅଟେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଗଣା ଅନଲାଇନ୍ କୋଚିଂ ବିଷୟରେ କହିଛନ୍ତି। ଯଦି ଏହି ଯୋଜନା ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ ହୁଏ, ତେବେ ଏହାର ପ୍ରଭାବ କେବଳ ଅନଲାଇନ୍ କୋଚିଂ ଶିଳ୍ପ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। ପ୍ରକୃତରେ, କୋଟା ଏବଂ ଦିଲ୍ଲୀର ପୁରୁଣା ରାଜିନ୍ଦର ନଗର ଭଳି କୋଚିଂ ହବ୍ ?ରେ ବ୍ୟବସାୟଗୁଡ଼ିକ, ଯାହା କୋଚିଂର ପ୍ରମୁଖ କେନ୍ଦ୍ର ଭାବରେ ଉଭା ହୋଇଛି ତାହା ମଧ୍ୟ ଏକ ବିପର୍ଯ୍ୟୟର ସମ୍ମୁଖୀନ ହୋଇପାରେ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, କୋଟାରେ କୋଚିଂ ଶିଳ୍ପର ମୂଲ୍ୟ ବର୍ତ୍ତମାନ ୫୦୦୦ କୋଟିରୁ ଅଧିକ, ବାର୍ଷିକ ଫି ୪୦,୦୦୦ ରୁ ୧.୫ ଲକ୍ଷ ପର୍ଯ୍ୟନ୍ତ। ଔରର ଏବଂ ଘରରଞ୍ଜ ପରି ପରୀକ୍ଷା ପାଇଁ ପ୍ରସ୍ତୁତି ପାଇଁ ବହୁ ସଂଖ୍ୟକ ଛାତ୍ର କୋଟାକୁ ଯାଆନ୍ତି। ସେହିପରି, ଅନେକ ଆଶାୟୀ ସିଭିଲ୍ ସର୍ଭିସ ପରୀକ୍ଷା ପ୍ରସ୍ତୁତି ପାଇଁ ଦିଲ୍ଲୀର ପୁରୁଣା ରାଜିନ୍ଦର ନଗରକୁ ଯାଆନ୍ତି।

ତଥାପି, ଯଦି ଏହି ଆଶାୟୀମାନେ ଅଭିଜ୍ଞ ଶିକ୍ଷକଙ୍କଠାରୁ ମାଗଣାରେ ପରୀକ୍ଷା ପ୍ରସ୍ତୁତି କୋଚିଂ ପାଆନ୍ତି, ତେବେ ସମ୍ଭବତଃ କମ୍ ସଂଖ୍ୟକ ଛାତ୍ର ଅନ୍ୟ ସହରକୁ ଯିବା ପାଇଁ ନିଜ ଘର ଛାଡ଼ିବେ। ଏପରି ପରିସ୍ଥିତିରେ, କୋଟା ଏବଂ ପୁରୁଣା ରାଜିନ୍ଦର ନଗର ଭଳି କୋଚିଂ ହବ୍ ଆର୍ଥିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇପାରେ।

## ଅନ୍ତରୀଣ ଡିଜିପି ଭାବେ ନିଯୁକ୍ତ ହେଲେ ବିନୟତୋଷ ମିଶ୍ର

ଭୁବନେଶ୍ୱର : ରାଜ୍ୟ ପୁଲିସରେ ବଡ଼ ପରିବର୍ତ୍ତନ। ୧୯୯୩ ବ୍ୟାଚ୍ର ଆଇପିଏସ୍ ଅଧିକାରୀ ବିନୟତୋଷ ମିଶ୍ରଙ୍କୁ ଓଡ଼ିଶାର ଅନ୍ତରୀଣ ପୁଲିସ ଡିଜିପି ଭାବେ ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ସେ କ୍ରାଇମ୍ ବ୍ରାଞ୍ଚ ଡିଜି ଭାବେ କାର୍ଯ୍ୟରତ ଅଛନ୍ତି। ବର୍ତ୍ତମାନର ପୁଲିସ ଡିଜି ୱାଇ. ବି. ଖୁରାନିଆ ଅଗଷ୍ଟ ୧୬ ତାରିଖରେ ଅବସର ଗ୍ରହଣ କରିବେ। ତାଙ୍କ ଅବସର ପରେ ବିନୟତୋଷ ମିଶ୍ର ଅତିରିକ୍ତ ଡିଜିପି ଭାବେ ଦାୟିତ୍ୱ ନେବେ। ଅନ୍ୟପଟେ ରାଜ୍ୟର ନୂଆ ଡିଜିପି ନିଯୁକ୍ତି ପାଇଁ ୟୁପିଏସ୍ସିରେ ଚାଲିଥିବା ଚୟନ ପ୍ରକ୍ରିୟା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଅଗଷ୍ଟ ୧୮ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରହିଛି। ଅଗଷ୍ଟ ୧୮ରେ ସୁପ୍ରିମକୋର୍ଟଙ୍କ ଆଗାମୀ ନିର୍ଦ୍ଦେଶ ଉପରେ ନୂଆ ଡିଜିପି ନିଯୁକ୍ତିର ପରବର୍ତ୍ତୀ ପଦକ୍ଷେପ ନିର୍ଭର କରିବ। ସେପର୍ଯ୍ୟନ୍ତ ବିନୟତୋଷ ମିଶ୍ର ରାଜ୍ୟ ପୁଲିସର କାମଚଳା ଡିଜିପି ଭାବେ ଦାୟିତ୍ୱ ତୁଲାଇବେ। ନୂଆ ଡିଜିପି ଚୟନ ଓ ନିଯୁକ୍ତ ହେବା ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବେ ବିନୟତୋଷ ମିଶ୍ର।



# ପ୍ରଥମେ ତ୍ରିରଙ୍ଗା ଉଡ଼ାଇଥିଲେ ନବକୃଷ୍ଣ ଚୌଧୁରୀ

କଟକ : ଐତିହାସିକ କଟକ ସହରରେ ଏମିତି ଏକ ସ୍ଥାନ ଅଛି ଯେଉଁଠି ରାଜ୍ୟ ଭିତରେ ପ୍ରଥମେ ଜାତୀୟ ପତାକା ଉଡ଼ିଥିଲା । ସ୍ୱାଧୀନତା ଆନ୍ଦୋଳନର ଇତିହାସ ବହନ କରୁଥିବା ଏହି ସ୍ଥାନ ହେଉଛି ବାଖରାବାଦର ଚୌଧୁରୀ ନିବାସ । ଯାହାର ମାଟି, ପାଣି, ପବନରେ ସ୍ୱାଧୀନତା ସଂଗ୍ରାମର ସ୍ମୃତି ଭରିରହିଛି । ୧୯୨୧ ମସିହାରେ ଓଡ଼ିଶାରେ ପ୍ରଥମେ ଏହି କୋଠାର ୨ ମହଲା ଛାତ ଉପରେ ଜାତୀୟ ପତାକା ଉଡ଼ାଇଥିଲେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ । ଏଠାରେ ଜାତିର ପିତା ମହାତ୍ମା ଗାନ୍ଧିଙ୍କର ଏକ ପ୍ରତିମୂର୍ତ୍ତି ପୂଜା ପାଉଥିବା ବେଳେ ଉତ୍କଳଗୌରବ ମଧୁସୂଦନ ଦାସ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସ ମଧ୍ୟ ଏଠାକୁ ଅନେକ ସମୟରେ ଆସୁଥିଲେ । କାଠଯୋଡ଼ି ରିଂ ରୋଡ୍ ? ପାର୍ଶ୍ୱ ବାଖରାବାଦର ଚୌଧୁରୀ ନିବାସ ହେଉଛି ସ୍ୱାଧୀନତା ଆନ୍ଦୋଳନର ମୂକସାକ୍ଷୀ ।

ଓଡ଼ିଶାର ଏକମାତ୍ର ପରିବାର ଭାବେ ଚୌଧୁରୀ ନିବାସର ସମସ୍ତେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ । ଗୋକୁଳାନନ୍ଦ ଚୌଧୁରୀ ଓ ପଦ୍ମାବତୀଙ୍କ ଦୁଇ



ପୁଅ ହେଉଛନ୍ତି ଗୋପବନ୍ଧୁ ଚୌଧୁରୀ ଓ ନବକୃଷ୍ଣ ଚୌଧୁରୀ । ଗୋପବନ୍ଧୁ ଚୌଧୁରୀ ଡେପୁଟି କଲେକ୍ଟର ଚାକିରି ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ । ଗୋପବନ୍ଧୁଙ୍କ ଧର୍ମପତ୍ନୀ ରମାଦେବୀ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଅନେକ ଥର ଜେଲ୍ ? ଯାଇଥିଲେ । ତାଙ୍କ ପୁଅ ମନମୋହନ, ବୋହୂ ସୁମିତ୍ରା, ଝିଅ ଅନ୍ନପୂର୍ଣ୍ଣା ଓ ଜ୍ୱାଇଁ ଶରତ ସମସ୍ତେ ସ୍ୱାଧୀନତା ସଂଗ୍ରାମୀ ଥିଲେ । ଗୋପବନ୍ଧୁଙ୍କ ସାନଭାଇ ନବକୃଷ୍ଣ, ଭାଇବୋହୂ ମାଳତି ଦେବୀ ଓ ତାଙ୍କ ବଡ଼ ଝିଅ ଉତ୍ତରା ଦେଶାଇ ମଧ୍ୟ ସଂଗ୍ରାମରେ ଝାସ ଦେଇଥିଲେ । ଲାହୋର କଂଗ୍ରେସ ଅଧିବେଶନରେ ପୂର୍ଣ୍ଣ ସ୍ୱରାଜର ଡାକରା ଦେଇଥିଲେ ପଣ୍ଡିତ ଜବାହରଲାଲ୍ ? ନେହରୁ । ୧୯୩୦ ମସିହା ଜାନୁଆରୀ ୨୬ ତାରିଖରେ ଜାତୀୟ ପତାକା ଉତ୍ତୋଳନ ପାଇଁ ଘୋଷଣା ହୋଇଥିଲା । ଏହି ଦିନ ସକାଳେ ଚୌଧୁରୀ ନିବାସ କୋଠା ଛାତ ଉପରେ ପୁଣି ଜାତୀୟ ପତାକା ଉଡ଼ା ଯାଇଥିଲା । ଆଉ ୪ ବର୍ଷ ପରେ ଏହି ସ୍ମୃତିକୁ ୧୦୦ ବର୍ଷ ପୂରଣ ହେବାକୁ ଯାଉଛି । ଏହି ଚୌଧୁରୀ ନିବାସରେ ରହିଛି 'ବାନର ସେନା'ର କାର୍ଯ୍ୟାଳୟ । ଯାହାଙ୍କ ନାମ ଏହି କୋଠାର ପାଚେରିରେ ଲେଖା ହେବା ସହ ଛୋଟ ପିଲାମାନେ ମଦ, ଗଞ୍ଜେଇ ଓ ବିଦେଶୀ ବସ୍ତ୍ର ଦୋକାନ ଆଗରେ ପିକେଟିଂ କରି ପୁଲିସଠାରୁ ବେତମାଡ଼ ଖାଇ ଏହି ଘରେ ଚିକିତ୍ସିତ ହେଉଥିଲେ । ସତ୍ୟାଗ୍ରହରେ ସାମିଲ ହୋଇ ଅନେକ ଜେଲ୍ ? ଯାଇଥିଲେ । ଏହି ଘରୁ ଗୋପବନ୍ଧୁ ଚୌଧୁରୀ ଏବଂ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ବହୁ ପଦଯାତ୍ରୀ ବାଲେଶ୍ୱର ଇଞ୍ଚୁଡ଼ିରେ ହେଉଥିବା ଲବଣ ସତ୍ୟାଗ୍ରହରେ ସାମିଲ ହୋଇଥିଲେ । ଏହି ପରିବାରର ନବକୃଷ୍ଣ ଚୌଧୁରୀ ପ୍ରଥମେ ରାଜସ୍ୱ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ହୋଇଥିଲେ । ତାଙ୍କ ସହ ବିଶ୍ୱନାଥ ଦାସଙ୍କ ବାସଭବନ ଥିଲା ଏହି ଚୌଧୁରୀ ନିବାସ । ମହାତ୍ମା ଗାନ୍ଧିଙ୍କ ତିରୋଧାନ ପରେ ମାଳତି ଦେବୀଙ୍କ ସଭାପତିତ୍ୱରେ ଗଠିତ ହୋଇଥିଲା ଉତ୍କଳ ଗାନ୍ଧି ସ୍ମାରକ ନିଧି । ବାଖରାବାଦ ସ୍ଥିତ ଏହି ଗାନ୍ଧି ଭବନ ଏହି ଗାନ୍ଧି ସ୍ମାରକ ନିଧିର ସମ୍ପତ୍ତି । ଏହି ଘର ପରିସରରେ ଥିବା ଚଉରା ମୂଳେ ଏବେ ବି ମହାତ୍ମା ଗାନ୍ଧିଙ୍କ ଏକ ପ୍ରତିମୂର୍ତ୍ତି ରହି ପୂଜା ପାଇ ଆସୁଛି । ସ୍ୱାଧୀନତା ଆନ୍ଦୋଳନ ସମୟରେ ଗାନ୍ଧି ପୁରୀ ଆସିଥିବା ବେଳେ ଜଣେ କଳାକାର ତାଙ୍କୁ ଏକ ପ୍ରତିମୂର୍ତ୍ତି ଉପହାର ଭାବେ ଦେଇଥିଲେ । ଗାନ୍ଧିଜୀ ଏହି ମୂର୍ତ୍ତିକୁ ରମାଦେବୀଙ୍କ ଝିଅ ଅନ୍ନପୂର୍ଣ୍ଣାଙ୍କୁ ଦେଇଥିଲେ । ସେବେଠୁ ଏହି ପ୍ରତିମୂର୍ତ୍ତି ଚୌଧୁରୀ ନିବାସରେ ଥିବା ବେଳେ ଆଜି ବି ଏକ ଚଉରା ମୂଳେ ପୂଜା ପାଉଥିବା ଦେଖିବାକୁ ମିଳିଛି ।

## ବର୍ଷା କମିବ, ୧୯ରୁ ପ୍ରବଳ ଢାଳିବ

# ଆଉ ଏକ ଲଘୁଚାପ ଆଣିବ ବଢ଼ି ବନ୍ୟା

ଭୁବନେଶ୍ୱର : ୬ ଜିଲ୍ଲା, ୫୨ ବ୍ଲକ, ୧୭୦ ପଞ୍ଚାୟତ ଓ ୪୨୯ ଗାଁକୁ ନୟାନ୍ତ କରିଛି ବନ୍ୟା । ପ୍ରଭାବିତ ହୋଇଛନ୍ତି ୨ ଲକ୍ଷ ୯ ହଜାର ୬୮୭ ଲୋକେ । ୪୨ ହଜାର ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ କରିବାକୁ ପଡ଼ିଛି । ଏହି ନୂଆ ବନ୍ୟାରେ ଏବେ ସୁଦ୍ଧା ୪୨୫ଟି ଘର ନଷ୍ଟ ହୋଇଥିବା ସରକାର ଚିହ୍ନଟ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୩୩ଟି ଗାଁ ପାଣି ଘେରରେ ରହିଥିବା ସରକାର ଜଣାଇଛନ୍ତି । ରାଜ୍ୟରେ ବର୍ଷା ପ୍ରକୋପ କିଛି ମାତ୍ରାରେ କମିଛି । ସମ୍ଭବତଃ ଶନିବାର ଆହୁରି କମିବ । ସ୍ୱାଧୀନତା ଦିବସ ସମାରୋହ ପାଳନରେ ବର୍ଷା ବଡ଼ ବାଧକ ନ ହୋଇପାରେ । ଯାହା ବି ବର୍ଷା ହେବ, ଘଡ଼ଘଡ଼ି ସହ ଅସରାଏ ଲେଖାଏଁ । ଲଗାଣ ବର୍ଷା ସମ୍ଭାବନା କମ୍ ? । ହେଲେ ପାଣିପାଗ ବିଭାଗ ଓ ଅଧିକାଂଶ ବିଶେଷଜ୍ଞ ପୂର୍ବାନୁମାନ ଦେଖାଇଛନ୍ତି, ଆସନ୍ତା ୨୦ ତାରିଖବେଳକୁ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇପାରେ ।

ବିଶେଷଜ୍ଞଙ୍କ ଆକଳନ ହେଲା, ଏହା ପ୍ରଭାବରେ ୧୯ ତାରିଖରୁ ପ୍ରାୟ ୩/୪ ଦିନ ଧରି ବର୍ଷା ଲାଗି ରହିବ । ଉତ୍ତର, ଉପକୂଳ ଏବଂ ପଶ୍ଚିମ ଓଡ଼ିଶାରେ ଲଗାଣ ବର୍ଷା ହୋଇପାରେ । ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ଅଛି । ଯଦି ଏ ଆକଳନ ସତ ହୁଏ, ତେବେ ଉତ୍ତର ଓଡ଼ିଶା ଆଉ ଗୋଟିଏ ବନ୍ୟା ସାମ୍ନା କରିପାରେ । ଖାଲି ସେତିକି ନୁହେଁ, ତଳ ଓ ଉପରମୁଣ୍ଡରେ ଲଗାଣ ବର୍ଷା ହେଲେ ମହାନଦୀ ବି ଫୁଲିପାରେ । ଏହାକୁ ନେଇ ବି ବନ୍ୟା ଡର ରହିଛି ।

ବର୍ତ୍ତମାନର ଆକଳନ ହେଲା, ଝାଡ଼ଖଣ୍ଡ ଉପରେ ଥିବା ଲଘୁଚାପ କ୍ରମଶଃ ଦୁର୍ବଳ ହେଉଛି । ଶନିବାର ସକାଳ ଭିତରେ କେତେକ ସ୍ଥାନରେ ପ୍ରବଳରୁ ପ୍ରବଳତର ବର୍ଷା ହୋଇପାରେ । ଶନିବାର ରାଜ୍ୟର ଅନେକ ସ୍ଥାନରେ ବର୍ଷା ସମ୍ଭାବନା ଅଛି । ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ର ୧/୨ଟି ଜାଗାରେ ପ୍ରବଳ ବର୍ଷା ହୋଇପାରେ । ୧୬ରୁ ବର୍ଷା କାଁ ଭାଁ ହୋଇପାରେ ।

ବର୍ଷା କମିଥିବାରୁ ଶୁକ୍ରବାର ବନ୍ୟା ସ୍ଥିତିରେ ସୁଧାର ଆସିଛି । ସୁବର୍ଣ୍ଣରେଖାକୁ ଛାଡ଼ି ବାକି ସବୁଠି ଜଳସ୍ତର କମୁଛି । ଭଦ୍ରକ ଜିଲ୍ଲାରେ ପୁଣି ବନ୍ୟା ଆସିଛି । ବୈତରଣୀ ଓ ସାଳନ୍ଦୀ ବନ୍ୟା ଜଳ ଉଛୁଳିବାରୁ ଭଣ୍ଡାରିପୋଖରି, ଧାମନଗର, ତିହିଡ଼ି ଓ ଚାନ୍ଦବାଲି ଅଞ୍ଚଳ ଜଳବନ୍ଦୀ ହେବା ଆରମ୍ଭ କରିଛି । ସାଳନ୍ଦୀ ପ୍ରବାହରେ ଭଦ୍ରକ ଅର୍ଣ୍ଣପାଳ ରାଜପୁମୁନ୍ଦପୁର ପୋଲ ଉପରେ ପାଣି ଚାଲିଛି । ତିହିଡ଼ି ବ୍ଲକ ଅବସ୍ଥା ବିଗିଡ଼ିବାକୁ ଯାଉଛି । ଜିଲ୍ଲାର ତଳିଆ ଅଞ୍ଚଳ ଶନିବାର ଜଳମଗ୍ନ ହେବାର ଆଶଙ୍କା କରାଯାଉଛି । ଭଣ୍ଡାରିପୋଖରୀ କଣ୍ଟିଘାଇରେ ବନ୍ୟା ଜଳ ଜନବସତି ଆଡ଼କୁ ମାଡ଼ି ଆସୁଛି । ଯାଜପୁର ଟାଉନରୁ ଭଦ୍ରକ ରାସ୍ତାରେ ବନ୍ୟା



ଜଳ ଲହଡ଼ି ମାରିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ୫ ପଞ୍ଚାୟତ ଜଳମଗ୍ନ ହୋଇଛି । ସେହିଭଳି ଧାମନଗର-ଦୋବାଲ ରାସ୍ତାକୁ ବନ୍ୟା ଜଳ ବୁଡ଼ାଇଛି । ବୈତରଣୀ ଶାଖା ନଦୀ ଗେଙ୍ଗୁଟିରେ ଭୟଙ୍କର ବନ୍ୟା ଜଳ ଦେଖିବାକୁ ମିଳିଛି । ମଲ୍ଲିମାହାରା ଏସକେପ ଦେଇ ବନ୍ୟା ଜଳ ଚାଷ ଜମିକୁ ମାଡ଼ି ଆସୁଛି । ରେବ ଓ କପାଳି ନଦୀର ଉଛୁଳା ଜଳ ଅନେକ ଅଞ୍ଚଳକୁ ବୁଡାଇବା ଆରମ୍ଭ କରିଛି । ବାଲେଶ୍ୱର ଜିଲ୍ଲାର ସଦର, ବାହାନଗା, ବସ୍ତା, ରେମୁଣା ଏବଂ ଜଳେଶ୍ୱର ବ୍ଲକର ମୋଟ ୪୩ଟି ପଞ୍ଚାୟତର ୧୭୧ ଗ୍ରାମରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ଯୋଗୁ ୭୯, ୪୪୩ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ୧୯ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ଲଗାଣ ବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଖଜିରାପାଟ ପଞ୍ଚାୟତର ଦୁଆଘାଟ ଅଞ୍ଚଳରେ ରାସ୍ତା ଧୋଇଯାଇଛି । ପାଟଣା-ସାହାରପଡ଼ା ମଧ୍ୟରେ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି ।

ବୈତରଣୀ ଓ ଶାଖା କାଣୀ ନଦୀରେ ଚତୁର୍ଥ ଥର ବନ୍ୟା ଆସିଛି । ଏଥିରେ ଯାଜପୁର ଜିଲ୍ଲାର କୋରେଇ, ଯାଜପୁର ଓ ଦଶରଥପୁର ବ୍ଲକର ୨୦ରୁ ଅଧିକ ପଞ୍ଚାୟତ ପ୍ରଭାବିତ ହୋଇଛି । କାଣୀ ନଦୀ ଅବବାହିକା ଦଶରଥପୁର ବ୍ଲକ ତରପଦା ପଞ୍ଚାୟତ ପଟଣାସାହି ନିକଟରେ ପୂର୍ବରୁ ଘାଇ ମରାମତି ହୋଇଥିଲା । ସେଇ ଘାଇ ମୁହଁ ଦେଇ ବନ୍ୟା ପାଣି ମାଡ଼ି ଆସିବାରୁ ଦଶରଥପୁର ବ୍ଲକର ୧୫ ପଞ୍ଚାୟତ ଜଳମଗ୍ନ ହୋଇଛି । ୨ଶହରୁ ଅଧିକ ପରିବାର ଗୁରୁବାର ରାତିରୁ ପୁଣି ଥରେ ନଦୀ ବନ୍ଧକୁ ଫେରିଛନ୍ତି । ଅହିୟାସ ବଜାର ରାସ୍ତାରେ ୫ଫୁଟ୍ ? ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ୫୦ରୁ ଅଧିକ ଦୋକାନରେ ପାଣି ପଶିଛି । ୧୫ ହଜାରରୁ ଅଧିକ ବିପନ୍ନଙ୍କୁ ବିଭିନ୍ନ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଥଇଥାନ କରାଯାଇଛି । ବର୍ଷା ପ୍ରକୋପ କମିବା ସହ ଏକ ବଡ଼ ଧରଣର ବନ୍ୟା ବିପ୍ରାତରୁ ମୟୂରଭଞ୍ଜବାସୀ ରକ୍ଷା ପାଇଯାଇଛି । ବୁଢାବଳଙ୍ଗ ବିପଦ ସଂକେତ ତଳକୁ ଖସିଛି । ତଥାପି ବର୍ତ୍ତମାନ ସୁଦ୍ଧା ବୁଢାବଳଙ୍ଗ ନଦୀର ବନ୍ୟାପାଣି ପ୍ରଭାବରେ ମିରିଗିଦାରୀ-ମାଣତ୍ରୀ ରାସ୍ତାରେ ଯୋଗାଯୋଗ ସ୍ୱଭାବିକ ହୋଇପାରିନି । ଗଙ୍ଗାହାର ନଦୀ ବନ୍ୟାରେ ଡୁମୁରିଆ-ଆଗ୍ରିଆ ରାସ୍ତା ଏବେ ବି ବିଚ୍ଛିନ୍ନ ରହିଛି । ବର୍ଷା କମିବାରୁ ରାଉରକେଲାରେ ବି ସ୍ଥିତି ସୁଧୁରୁଛି । କିନ୍ତୁ, ବୁଧବାର ରାତିର ବର୍ଷା ପରେ ଯେଉଁ ଜଳବନ୍ଦୀ ସ୍ଥିତି ଉପୁଜିଥିଲା, ସେଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଜଳ ସମ୍ପଦ ବିଭାଗ ସୂଚନା କହୁଛି, ସନ୍ଧ୍ୟା ୮ଟାରେ ଆଖୁଆପଦାରେ ବୈତରଣୀ ଜଳସ୍ତର ୧୯.୭ ମିଟର ଥିଲା । ଏହା ବିପଦ ସଙ୍କେତ (୧୮.୩୩ ମି) ଠାରୁ ପ୍ରାୟ ଦେଢ଼ ମିଟର ଅଧିକ । ଆଶ୍ୱସ୍ତିର ବିଷୟ ହେଲା, ପାଣି ଖସିବାରେ ଲାଗିଛି । ଆନନ୍ଦପୁରରେ ଜଳସ୍ତର ବିପଦ ସଙ୍କେତ ଟପି ୩୮.୫୫ ମିଟରରେ ପ୍ରବାହିତ ହେଉଥିଲା ସନ୍ଧ୍ୟାରେ । ହେଲେ ପାଣି ଖସୁଛି ।

### ୮୦ତମ ସ୍ୱାଧୀନତା ଦିବସ ପାଳୁଛି ଦେଶ

# ଗାନ୍ଧୀମାର୍ଗରେ ତ୍ରିରଙ୍ଗା ଉଡ଼ାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ୮୦ତମ ସ୍ୱାଧୀନତା ଦିବସ ପାଳନ କରୁଛି ଦେଶ। ଆଜି ସ୍ୱାଧୀନ ଭାରତର ଗୌରବମୟ ଯାତ୍ରାରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି। ଏହି ଅବସରରେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ରାଜ୍ୟସ୍ତରୀୟ ସ୍ୱାଧିନତା ଦିବସ ପାଳନ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପତାକା ଉତ୍ତୋଳନ କରିଛନ୍ତି। ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସ୍ୱାଧୀନତା ସଂଗ୍ରାମରେ ତ୍ୟାଗ ଓ ବଳିଦାନ ଦେଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଛନ୍ତି।ପରେଡରେ ୫୦ କଣ୍ଟିଜେଣ୍ଟ ସାମିଲ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହାତ୍ମା ଗାନ୍ଧୀଙ୍କ ସମେତ ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ତିତିକ୍ଷା ଓ ବଳିଦାନକୁ ସ୍ମରଣ କରିଛନ୍ତି। ସେମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସେହିପରି ଆମ ରାଜ୍ୟର ସ୍ୱାଧୀନତା ବୀର ସୁରେନ୍ଦ୍ର ସାଏ, ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ବିଦ୍ୟାଧର, ଚକରା ବିଷୋଇ, ଧର୍ମପଦ, ଉତ୍କଳ ଗୌରବ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ମାଳତୀ ଚୌଧୁରୀ, ଭାଗୀରଥୀ ମହାପାତ୍ର ଓ ନୀଳକଣ୍ଠ ଦାସଙ୍କ ତ୍ୟାଗକୁ ମନେ ପକାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶାର ଜନ ଆନ୍ଦୋଳନ ବିନା, ସ୍ୱାଧୀନତା ସଂଗ୍ରାମର କାହାଣୀ ଅକଳ୍ପନୀୟ। ରକ୍ତତୀର୍ଥ ଇରମ୍ , ଘୁମୁସର ବିଦ୍ରୋହ, ପ୍ରଜାମଣ୍ଡଳ ସଂଗ୍ରାମ, କନ୍ଧ ବିଦ୍ରୋହ, ସମ୍ବଲପୁର ବିଦ୍ରୋହ, କେନ୍ଦୁଝରର ଭୂୟାଁ ବିଦ୍ରୋହ, କୋରାପୁଟର ଆଦିବାସୀ ବିଦ୍ରୋହ ଆଦି, ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଆହୁରି ଶାଣିତ କରିଥିଲା। ଏହି ସମସ୍ତ ଜନଜାତି ଆନ୍ଦୋଳନକାରୀ ମାନଙ୍କ ବୀରତ୍ୱ ଓ ବଳିଦାନ ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ।ସ୍ୱାଧୀନତା ପରବର୍ତ୍ତୀ କାଳରେ ଏ ଦେଶର ସୁରକ୍ଷା ଓ ଅଖଣ୍ଡତା ବଜାୟ ରଖିଥିବା ପ୍ରତିରକ୍ଷା ବାହିନୀ ଓ ଅନ୍ୟାନ୍ୟ ସୁରକ୍ଷା ବାହିନୀର ବୀର ଯବାନ ମାନଙ୍କୁ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।ସ୍ୱାଧୀନତା ସଂଗ୍ରାମକୁ କାଶ୍ମୀର'ରୁ କନ୍ୟାକୁମାରୀ, ଗୁଜୁରାଟ'ରୁ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ଏକତାର ସୂତ୍ରରେ ବାନ୍ଧିଥିଲା, ଆମ ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍' ଏବଂ ଆମ ଜାତୀୟ ପତାକା 'ତ୍ରିରଙ୍ଗା'। ୮୦ ବର୍ଷରେ ଭାରତ ବିକାଶ ଯାତ୍ରାରେ ଆଗେଇ ଚାଲିଛି। ଗତ ୧ ବର୍ଷ ଦେଶ ପାଇଁ ଥିଲା ଅତ୍ୟନ୍ତ ଘଟଣା ବହୁଳ। ଜାତୀୟ ଓ ଅନ୍ତର୍ଜାତୟସ୍ତରରେ ବହୁ କଡ଼ା ପରିସ୍ଥିତି ଦେଇ ଗତି କରୁଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶକୁ ସଠିକ୍ ଦିଗରେ ପରିଚାଳିତ କରିଛନ୍ତି। ମୋଦୀଙ୍କ ହାତରେ ଦେଶ ସୁରକ୍ଷିତ। ମୋଦୀଙ୍କ ଶତ୍ରୁ ମନରେ ଭୟ ରହିଛି। ଯୁବଶକ୍ତିମାନେ ଦେଶ ଗଠନର ସାମିଲ ହୋଇଛନ୍ତି। ୧୨ ବର୍ଷରେ ଦେଶ ପ୍ରଗତି କରୁଛି। ମାଓ ଦମନ ବା ରେଡ୍ ଟେରର ସମାପ୍ତ ହୋଇ ପାରିଛି। ସେଥିପାଇଁ ମୋଦୀ ଓ ଗୃହ ମନ୍ତ୍ରୀ ଅମିତ୍ ଶାହାଙ୍କୁ ଧନ୍ୟବାଦ ଦେଇଛନ୍ତି। ବ୍ୟାଙ୍କ୍ ଆକାଉଣ୍ଟ, ଗ୍ୟାସ ଏବେ ଅତି ସାଧାରଣ କଥା। ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଦୁଇ ବର୍ଷରେ ରାଜ୍ୟ ପ୍ରଗତି କରିଛି। ନାଗରିକଙ୍କୁ ମୌଳିକ ସୁବିଧା ପ୍ରଦାନ କରାଯାଉଛି। ସଡ଼କ, ବିଜୁଳି, ପାନୀୟ ଜଳ ଯୋଗାଣ ଭଳି ମୌଳିକ



ସୁବିଧା ପ୍ରଦାନ ପାଇଁ ସରକାର ବଦ୍ଧ ପରିକର। ଦେଶର ପ୍ରଥମ ରାଜ୍ୟ ଭାବେ କେଜି ରୁ ପିଜି ଯାଏ ମାଗଣା ଶିକ୍ଷା ଏକ ଐତିହାସିକ ପଦକ୍ଷେପ। ୨୨୦୦ ଆବାସିକ ବିଦ୍ୟାଳୟ ନିର୍ମାଣ ହେବ। ୨୬ ହଜାର ନିଯୁକ୍ତି ଦିଆଯାଇଛି। ଆଗାମୀ ଦିନରେ ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇବେ। ନବମ ଓ ଦଶମ ଶ୍ରେଣୀ ପାଇଁ ମାଗଣା ଖାଦ୍ୟ ଓ ପୁସ୍ତକ ବଣ୍ଟନ କରାଯିବ। ଯାଜପୁର, କନ୍ଧମାଳ ଭଳି ଆଉ କିଛି ଜିଲ୍ଲାରେ ମେଡିକାଲ କଲେଜ ହେବ। କୃଷକକୁ ସବୁ ପ୍ରକାର ସହାୟତା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।





Printed, Published, Owned by Subas Chandra Hota, Plot No.: N5/94, Jayadev Vihar, PS: Nayapalli, Bhubaneswar - 751015, Dist-Khordha, Odisha,
Printed at Impression Off-set Press, A/14, Ashok Nagar, Bhubaneswar-751009, Dist.: Khordha, Odisha
E-mail.: dhauliexpress072@gmail.com, www. dhauliexpress.com / dhauliexpressenews.com, Phone: 7008698819, 9437769960

ସଂପାଦକ : ସୁବାସ ଚନ୍ଦ୍ର ହୋତା

**Editor : Subas Chandra Hota**

**କିଛି ଟଙ୍କା, ମଦ, ମାସଂ ପାଇଁ ମୂଲ୍ୟବାନ ଭୋଟ ବିକ୍ରି କରନ୍ତୁ ନାହିଁ**